# ବଣମଲ୍ଲୀର ମହକ

ନବମ ବର୍ଷ | ଏକାଦଶ ସଂଖ୍ୟା | ନଭେମ୍ବର ୨୦୨୫



CC BY-NC-SA 4.0

CC BY-NC-SA 4.0



# The Literature Magazine

**( Where Literature Live Every Month)**
**VOL.09 - ISSUE.11 - NOVEMBER 2025**

## About Us

Banamalliira Mahak is an open access Odia Literature Magazine. It is dedicated to the preservation and promotion of Odia literature and culture in Odisha and beyond. Published monthly, the magazine carries the best voices of Odia literature and culture, providing a vibrant platform for writers and literature lovers to express and read their creative works and ideas. This magazine publishing service of 'Banamallira Mahak' is completely free and without any charges. In no case has any money been charged by Banamallira Mahak.

## Aim & Objective

At Banamallira Mahak, our aim is to provide a unique space for contemporary and classical perspectives on Odia literature and culture, while also connecting the rich Odia literature with modern storytelling, analysis and creative expression. Through poetry, short stories, essays or any other articles, we try to explore the diverse aspects of Odia identity and creative writing.

In today's digital world, Banamallira Mahak stands as a testament to the timeless appeal of Odia literature and culture. This magazine is not just a place for literary display but a medium for cultural exchange, discussion and enrichment. It is like a bridge between established and new writers, classical and contemporary literature, an attempt to expand the boundaries of Odia literature and cultural heritage. Whether you are a lone reader or a writer, Banamallira Mahak offers a unique opportunity to stay connected with Odia literature in the modern world.

## How to Submit Article

If any writer is interested in sending an article to Banamallira Mahak, he can send his article through the **<Article Submission>** navigation menu button available on our website. It is absolutely necessary to provide the author's name, address and email address along with the article sent through email or Google form. It is mandatory to fill in the required information requested through Google form. Every writer should remember that the article sent to Banamallira Mahak should not have been published anywhere else before.

ବଣମଲ୍ଲୀର ମହକ

CC BY-NC-SA 4.0

VOL.09 - ISSUE.11 - NOVEMBER 2025

## Editor in Chief

Mr. Laxminarayan Pattanaik

Mr. Salila Kumar Swain

## Editorial Board

Mr. Bibhuti Bhusan Hota

Mrs. Debahuti Pattanaik

Dr. Mangalika Mohapatra

Dr. Laxman Sahoo

Mr. Sidheswar Tripathy

## Advisory Council

Er. Dipti Ranjan Panda

Mr. Trilochan Das

Mr. Nishikant Kahalsingh

Mr. Ranganath Rath

Mr. Prafulla Chandra Mishra

Mr. Gopal Kishore Sen

Mr. Gopal Chandra Sao

**Publisher:** Banamallira Mahak
**Place of Publication:** Khordha, Odisha, India
**Contact:** Banamallira Mahak, Mangalajodi, Khordha, Odisha-752023, India
**Submit articles at EMAIL:** emagazinebanamalli@gmail.com

Copyright of all published articles in this journal is held by the authors. Articles are open-access, distributed under a Creative Commons Attribution - 4.0 International. The terms [CC BY-NC-SA 4.0] which permits unrestricted use, copy and reproduction in any medium or format, you must give appropriate credit to the respective author.

ବଣମଲ୍ଲୀର ମହକ

CC BY-NC-SA 4.0

VOL.09 - ISSUE.11 - NOVEMBER 2025

# ସମ୍ପାଦକୀୟ ବାର୍ତ୍ତା

**ପ୍ରିୟ ପାଠକ ବନ୍ଧୁ,**

ସାହିତ୍ୟ ହେଉଛି ଜୀବନର ଦର୍ପଣ, ଯେଉଁଠି ମନୁଷ୍ୟର ଭାବନା, ସଂଘର୍ଷ ଓ ସ୍ୱପ୍ନ ସବୁ ଜୀବନ୍ତ ପ୍ରତୀୟମାନ ହୁଏ । ଓଡ଼ିଆ ସାହିତ୍ୟର ଗୌରବମୟ ଐତିହ୍ୟ ହେଉଛି ଆମ ମାଟିର ପ୍ରାଣ, ଯାହା ଆମ ମନର ନିଜସ୍ୱ ଆବେଗକୁ ଅବିରତ ଅଭିବ୍ୟକ୍ତ କରୁଥାଏ । ସେହି ଅଭିବ୍ୟକ୍ତିକୁ ନୂତନ ଭାବ ଓ ଶବ୍ଦରେ ପାଠକଙ୍କ ସମ୍ମୁଖରେ ଉପସ୍ଥାପିତ କରିବା ହେଉଛି ଏହି ପତ୍ରିକାର ପ୍ରୟାସ ।

"ବଣମଲ୍ଲୀର ମହକ" ପତ୍ରିକାର ଏହି ସଂଖ୍ୟାରେ ଆମର ହସ୍ତଗତ ହୋଇଥିବା ଓଡିଆ ଗଳ୍ପ ଓ କବିତା ଗୁଡିକୁ ଆମେ ଯଥା ସମ୍ଭବ ସମ୍ପାଦିତ କରି ପାରିଛୁ । ଓଡିଆ ସାହିତ୍ୟର ସୃଜନାତ୍ମକତା ଓ ସାମାଜିକ ମୂଲ୍ୟବୋଧର ଏକ ଅଭିନ୍ନ ସ୍ୱରରେ ଗଳ୍ପ ଗୁଡିକର ଭାବନା ଓ କବିତା ଗୁଡିକର ଗଭୀରତା ଓ ନୂତନ ଦୃଷ୍ଟିକୋଣ ସହିତ ଆମେ ସାହିତ୍ୟର ଏହି ବିଭାଗ ଗୁଡ଼ିକୁ ସହଜରେ ଆପଣଙ୍କପାଇଁ ପ୍ରସ୍ତୁତ କରିପାରିବାରେ ସମର୍ଥ ହୋଇ ପାରିଛୁ ।

ଏହି ସଂଖ୍ୟାରେ ଆମେ ନୂତନ ଲେଖକ ଓ ପ୍ରବୀଣ ସାହିତ୍ୟିକମାନଙ୍କ ରଚନାକୁ ସାମିଲ କରିଛୁ, ଯାହା ଓଡିଆ ସାହିତ୍ୟର ଆଧୁନିକତା, ସମ୍ବେଦନଶୀଳତା ଓ ସମାଜିକ ମୂଲ୍ୟବୋଧକୁ ବୁଝିବା ଦିଗରେ ପାଠକମାନଙ୍କୁ ଉତ୍ସାହିତ କରିବ ।

**– ସମ୍ପାଦକ, ବଣମଲ୍ଲୀର ମହକ**

ବଣମଲ୍ଲୀର ମହକ
VOL.09 - ISSUE.11 - NOVEMBER 2025
CC BY-NC-SA 4.0

# ସୂଚୀପତ୍ର

## (ପଦ୍ୟ ବିଭାଗ)


- ପାଞ୍ଚଟି ଏକପଦୀ — ରମେଶ ଚନ୍ଦ୍ର ମଙ୍ଗରାଜ
- ଗୁଣ — ବିନୟ ମିଶ୍ର
- ହେମନ୍ତ ଗୀତ — ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର
- ଝରାପତ୍ର ମୁଁ — ସ୍ୱର୍ଣ୍ଣଲତା ପତି
- ନିଛକ ପ୍ରେମ — ବନମାଳୀ ନାମଦେଓ
- ପେଣ୍ଡାଏ ପ୍ରୀତିଫୁଲ — ସୁଜିତ କୁମାର ମିଶ୍ର
- ଟାଗ୍ରୀ ଡ଼ଙ୍ଗର — ଦଶରଥ ମାଝୀ
- ତିନି ମାଙ୍କଡ — ଆକୁଳାନନ୍ଦ ପୃଷ୍ଟି
- ମିଛ ସମ୍ପର୍କ — ନାରାୟଣ ରାଉତ
- ସପ୍ତମନ୍ତ୍ର — ସୁରେଶ ଚନ୍ଦ୍ର ବାୟୀ
- ସ୍ୱାଭିମାନର ବସା — ସ୍ୱର୍ଣ୍ଣ ରଥ ମହାପାତ୍ର
- ତୁମେ ମୋ ହୃଦୟର ସଙ୍ଗୀତ — ବିରଞ୍ଚି ନାରାୟଣ ମିଶ୍ର
- ଉତ୍ତର ନାହିଁ କି ମୋ ପ୍ରଶ୍ନର — ମନ୍ଦାକିନୀ ପାଢୀ
- ପିତା ଗୁଣେ ପୁତ୍ର — ଚନ୍ଦ୍ରା ମିଶ୍ର
- ଆମ ପିତା ମାତା ଚଳନ୍ତି ଦେବତା — ଡଃ ଅନୁପମା ବିଶ୍ୱାଳ
- ବିଲ୍ୱ ବରଣ — ଡଃ ଶ୍ରୀବସ୍ତ ମେହେର
- ପକ୍ଷୀଆ — ପ୍ରଫେସର ନୀଳମାଧବ କର
- ତୁମକୁ ପାଇ — ହାସ୍ୟମୟୀ ରାଜ
- ବଣମଲ୍ଲୀ — ସବିତା ଷଡଙ୍ଗୀ
- ପ୍ରଥମ ପ୍ରେମ — ଭବାନୀ ଶଙ୍କର ମେହେର


*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0.  [ visit online - https://www.banamalli.org ]*

- ❖ ତୋ ମୁହଁର କଳାଜାଇ — ସୂର୍ଯ୍ୟ ପାଣିଗ୍ରାହୀ
- ❖ ଠକ୍ (କୋଶଳୀ କବିତା) — ସିଦ୍ଧି ସ୍ୱରୂପା ପାଢ଼ୀ
- ❖ ଭାରି ମନେପଡ ତୁମେ — ବିଦ୍ୟୁତ ଲତା ସାହୁ


## (ଗଦ୍ୟ ବିଭାଗ)


- ❖ ବୃଦ୍ଧ ବରଗଛ — ତରଣୀ ଦଣ୍ଡସେନା
- ❖ କାର୍ତ୍ତିକ ସ୍ନାନର ଫଳ — ସରସ୍ୱତୀ ମେହେର
- ❖ ଲୋଭୀ କେଉଟ — ଅଭୟ କୁଣ୍ଡ
- ❖ ଆତ୍ମୀୟତାର ଆଂଶି (ଭାଗ - ୩) — ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ



- ବଣମଲ୍ଲୀର ମହକ ମାସିକ ସଂଖ୍ୟାରେ ପ୍ରକାଶିତ ଲେଖାଗୁଡିକର ସତ୍ୱ ସମ୍ପୃକ୍ତ ଲେଖକ ଲେଖିକାଙ୍କ ଅଧିକୃତ ଅଟେ । ଯଦି କେବେ କୌଣସି ଲେଖାକୁ ନେଇ କିଛି ବିବାଦୀୟ ପରିସ୍ଥିତି କିମ୍ବା ଆଇନଗତ ସମସ୍ୟା ସୃଷ୍ଟି ହୁଏ, ସେଥିପାଇଁ ସମ୍ପୃକ୍ତ ଲେଖକ ଲେଖିକା ଦାୟୀ ରହିବେ ।

- ଯଥା ସମ୍ଭବ ବନାନଗତ ତ୍ରୁଟି ରହିତ ଲେଖା ସମ୍ପାଦନ ଦିଗରେ ଆମେ ଚେଷ୍ଟା କରିଥାଉ । ବେଳେ ବେଳେ ବୈଷୟିକ କାରଣ ବଶତଃ କିଛି କିଛି ଅନିଚ୍ଛାକୃତ ତ୍ରୁଟି ନଜରକୁ ଚାଲିଆସେ, ସେଥିପାଇଁ ପାଠକ ପାଠିକାଙ୍କ ନିକଟରେ ଆମେ କ୍ଷମାପ୍ରାର୍ଥୀ ।

- ଏହି ପତ୍ରିକା ପାଇଁ ପ୍ରତି ମାସରେ କେବଳ ଗୋଟିଏ ଲେଖା ଉପଲବ୍ଧ ଇମେଲ ଠିକଣାରେ କିମ୍ବା ଗୁଗୁଲ ଫର୍ମ ଜରିଆରେ ଆମ ନିକଟକୁ ପ୍ରେରଣ କରନ୍ତୁ । ଏହି ପତ୍ରିକା ସମ୍ବନ୍ଧୀୟ ଅଧିକ ସୂଚନା ପ୍ରାପ୍ତି ନିମନ୍ତେ ଆମ ୱେବସାଇଟ ପରିଦର୍ଶନ କରନ୍ତୁ ।


*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
CC BY-NC-SA 4.0 VOL.09 - ISSUE.11 - NOVEMBER 2025

# ପାଞ୍ଚଟି ଏକପଦୀ

**ରମେଶ ଚନ୍ଦ୍ର ମଙ୍ଗରାଜ**



ଆହାର ପେଟକୁ ଦେଇ ପାରିଲନି
ଆଘାତ ପିଠିକୁ ଦେଲ
ଆଦର କରିବା ଚୁଲି ମୁହେଁ ଯାଉ
ଆଣ୍ଠୁରେ ଆଣ୍ଠେଇ ଦେଲ ॥୧॥

ଆରିଷା କାକରା ପିଠାରେ ତୋ' ମନ
ଆରଶିରେ ଦେଖୁ ମୁହଁ
ଆଶ୍ଚର୍ଯ୍ୟ ଲାଗଇ ତୋ ଚାଲି ଚଳଣି
ଆଖିରେ ଆଖିଏ ମୋହ ॥୨॥

ଆଖର ହେଲାଣି ଯୁଆନ ବୟସ
ଆଗ୍ରହ ଗଲାଣି ତୁଟି
ଆଗକୁ ସମୟ କେମିତି କଟିବ
ଆଚମ୍ବିତ ଲାଗେ ଏଠି ॥୩॥

ଆଡେଇ ଦେଏନା ଅଡୁଆ ମନକୁ
ଆଦରେ ଆଦରି ନେଏ
ଆଙ୍କୁଶୀ ଲଗାନା ପୀରତି ପଥରେ
ଆତ୍ମତୃପ୍ତି ଟିକେ ଦେଏ ॥୪॥

ଆଲୋ ହସୁକୁରୀ ଫୁଲେଇ ଜହ୍ନ ତୁ
ଆକାଶୁ ଓହ୍ଲେଇ ଆ
ଆସିଲେ ଦେଖିବୁ ଯାଯାବର ମନ
ଆତୁରେ କରିଛି ଆଁ ॥୫॥

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡା, ଖୋର୍ଦ୍ଧା**
**ସମ୍ପର୍କ - ୮୧୧୪୬୦୯୨୮୦**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
CC BY-NC-SA 4.0 VOL.09 - ISSUE.11 - NOVEMBER 2025

# ଗୁଣ

**ବିନୟ କୁମାର ମିଶ୍ର**



କାହାକୁ କହିବି
ତୁମ ମୋ ସମ୍ପର୍କ
ଏତେ ନିବିଡ଼ତା କଥା,
ଲେଡିଗୁଡି ଗଲା
କହୁଣିକି ବୋହି
ଚାଟିବାକୁ ଲାଗେ ବ୍ୟଥା ।

ତୁମେ କହୁଥିଲ
ମୁଁ ଶୁଣୁଥିଲି
ମୁଁ କହେ ତୁମେ ଶୁଣ,
ସଂସାରଟା ସାରା
ଡିବି ଡିବି ବାଜେ
ଆମ ଦୁହିଁଙ୍କର ଗୁଣ ।

ଭିତର କଥାଟା
କିଏ ବା ବୁଝିବ
ଭଲ ମନ୍ଦ ଅଛି କେତେ,
ଉପରୁ ଦେଖିକି
ନିନ୍ଦା ଅପବାଦ
ଦେଉଥାନ୍ତି ଯିଏ ଯେତେ ।

ବାହାରକୁ ଯାହା
ଦିଶୁଛି ସେକଥା
ହେଉଥାନ୍ତି କୁହାକୁହି,
ସତଟା ନ ଜାଣି
ଡିଣ୍ଡିମ ପିଟନ୍ତି
ମିଛ ଚାଦର ଘୋଡେଇ ।

**ମଲ୍ଲୀପୁର, ନିଆଳ, ଖୋର୍ଦ୍ଧା**
**ସମ୍ପର୍କ - ୯୪୩୯୪୩୩୩୩୭**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

# ହେମନ୍ତ ଗୀତ

ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର



ମଉଳିଲା କାଶତଣ୍ଡି ଝରିଗଲା ଶେଫାଳୀ
ହସୁଥିଲା ଆକାଶ ରେ ଜହ୍ନ ଦୀପଜାଳି
ହେମନ୍ତ ସକାଳେ ଗୁଳ୍ମ ଲତା ମଖା ଶିଶିର
ପ୍ରତି ବିନ୍ଦୁ ସୂର୍ଯ୍ୟ ରଶ୍ମୀ ଦୃଶ୍ୟ ରମ୍ୟ ରୁଚିର
ପ୍ରକୃତି ନାଇଛି ସତେକି ମୁକୁତାର ମାଳି
ମଉଳିଲା କାଶତଣ୍ଡି.....

କୁଝ୍‌ଟିକା ରଟରଟ ବାଟ ଘାଟ ଅଦୃଶ୍ୟ
ଶ୍ୟାମାକାଳୀ ଆବାହନ ଦୀପାବଳୀ ପରଶ
ରାଈ ଦାମୋଦର ବୃନ୍ଦାବତୀ ମୂଳେ ବାଲୁଙ୍କା
ହେମନ୍ତ ସକାଳ ଲାଗେ ଏକି ନୂଆ ଇଲାକା
ଫୁଟିଲାଣି ଗେଣ୍ଡୁ ଫୁଲ ହସେ ମକମଲୀ
ମଉଳିଲା କାଶତଣ୍ଡି.....

କେଦାରୁ କୃଷକ ପକ୍ୱ ନବଶସ୍ୟ  ସଂଗ୍ରହ
ଲକ୍ଷ୍ମୀ ସାଆନ୍ତାଣୀ ତାରେ ହୋଇଛନ୍ତି ସଦୟ
ପହିଲି ଶୀତୁଆ ବାଆ ହିମବନ୍ତ ପରସେ
ମାଣ ଝୋଟି ଚିତ୍ର ଆଙ୍କେ କୁଳବଧୂ ହରସେ
ସ୍ୱାଗତ ହେମନ୍ତ କାଳେ ସିନ୍ଧୁରାଜ ଦୁଲଣୀ
ମଉଳିଲା କାଶତଣ୍ଡି....

ଫୁଟେ ନୀଳୋତ୍ପଳ ଜଳେ ସରସୀ ରେ ବିହଙ୍ଗେ
ବିହାର କରନ୍ତି ହର୍ଷେ ଖେଳି ଜଳ ତରଙ୍ଗେ
ହେମନ୍ତ ରଜନୀ,ରତି ପ୍ରୀୟବତୀ ବନ୍ଧନେ
ଲୁଚେ ଶୀତ ପ୍ରୀୟା କୋଳେ ରତି ରସେ ବିଜନେ
ରାତି କରେ ରସମୟ ସୁଲକ୍ଷଣୀ ରମଣୀ
ମଉଳିଲା କାଶତଣ୍ଡି......

ବକାଳି ମାଳିକା ଶୋଭା ଆକାଶର ବୁକୁରେ
ଚଗଲା ସେ ପ୍ରଜାପତି ମହୁମାଛି ସାଥିରେ
ମଧୁର ଗୁଞ୍ଜନ ରଚି ମଧୁ ଶୋଷି ଫୁଲରୁ
ଚିତ୍ର ଡେଣା ଝାଡି ଉଡେ  ଛବି ଆଙ୍କେ ଅଦୂରୁ
ଏମନ୍ତ ହେମନ୍ତ ଋତୁ ସାତ ରଙ୍ଗ ବର୍ଣ୍ଣାଳି
ମଉଳିଲା କାଶତଣ୍ଡି....

ହେମନ୍ତ ସକାଳେ ସୂର୍ଯ୍ୟ ରଶ୍ମି ଲାଗେ ଅମୃତ
ଗାଆଁ ଦାଣ୍ଡେ କୋଳାହଳ ଶୁଭେ ରାସ ସଙ୍ଗୀତ
କହଇ ପ୍ରଫୁଲ୍ଲ ଗୀତେ ନବ ଶସ୍ୟ ସମ୍ଭାର
କୃଷକ ଖଳାରେ ତାହା କରୁଥାଏ ଅମଳ
ଶରତ ଶେଷେ ହେମନ୍ତ ଦିଏ ରଙ୍ଗ ବଦଳି
ମଉଳିଲା କାଶତଣ୍ଡି...

**ମଙ୍ଗଳାଯୋଡି, ଟାଙ୍ଗି, ଖୋର୍ଦ୍ଧା**

**ସମ୍ପର୍କ - ୮୨୪୯୨୩୪୧୪୩**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

# ଝରାପତ୍ର ମୁଁ

**ସ୍ୱର୍ଣ୍ଣଲତା ପତି**



କିଶଳୟ ସାଜି ଧରାକୁ ଆସିଲି
ପଲ୍ଲବିଲା ତରୁ ଅଙ୍ଗ,
ଡାଳେ ଥାଇ ଦେଖେ ରବି ଶଶୀ ତାରା
ଜଳଦକୁ କଲି ସଙ୍ଗ ॥
ସପନ ଭରିଲା ଆଖିରେ ମୋହର
ଫଳପୁଷ୍ପର ସୁବାସ,
ନାନା ବିହଙ୍ଗମ କଲେ ଯେ କୂଜନ
କୋଳରେ ରଚିଲେ ବାସ ॥
ବହିଛି ସୁଦୟା ପଥିକକୁ ଛାୟା
ମୂଳେ ପ୍ରାଣୀଙ୍କ ଶୟନ,
ଗୁଣ୍ଡୁଚି ମର୍କଟ ବିହଙ୍ଗମ କୀଟ
କ୍ରୀଡାରେ ଉଲ୍ଲସେ ମନ ॥
ପ୍ରଶ୍ୱାସ ବାଣ୍ଟିଛି ଜୀବଙ୍କ ଜୀବନେ
ବୃକ୍ଷର ମୁଁ ରୋଷଶାଳା,
ପୂଜା ପାର୍ବଣରେ ଦେବତା ମଥାରେ
ପାକଶାଳାରେ ମୁଁ ଲୋଡ଼ା ॥
ନାନାରଙ୍ଗେ ନାନା ଆକାରରେ ସାଜେ
ମୋ ଦେହେ ନାନା ସୁବାସ,
ମୋ ପାଇଁକି ଧରା ସବୁଜ ସୁନ୍ଦର
ଦୁଃଖୀ ଜନେ ଦିଏ ବାସ ॥
ଜଳେ ସ୍ଥଳେ ମରୁ ପର୍ବତ ବୁକୁରେ
ନାନା ଭାବେ ମୁହିଁ ବଞ୍ଚେ,
ହଳାହଳ ପିଇ ପ୍ରଶ୍ୱାସ ଯୋଗାଏ
ଅମୃତ ଅନିଳ ସିଞ୍ଚେ ॥
ହାତ ଠାରି ଡାକେ ଘନ ଜଳଦକୁ
ବରଷି ଯାଏ ସେ ବାରି,
ଜୀବଜଗତର ସେବାରେ ଜୀବନ
ଦେବାରେ ଯାଏ ମୁଁ ଝରି ॥
ଔଷଧୀ ସାଜିଛି ଜୀବନୁ ହରିଛି
କେତେ ରୋଗ ଦୁଃଖ ଭୟ,
ଆହାର ହୋଇଛି ଜନପ୍ରାଣୀଙ୍କର
ସର୍ବ ମନ କରି ଜୟ ॥
ବାର୍ଦ୍ଧକ୍ୟ ଆସିଲେ ସନ୍ତାନ ପାଇଁକି
ମଣିଷ ହୁଏ ଅଲୋଡ଼ା,
କାର୍ଯ୍ୟ ସରିଗଲେ ବୃକ୍ଷଟି ସେପରି
ଦିଏଟି ପତର ଝଡା ॥
ଯେବେ ମୁଁ ଝରିବି ପାଉଁଶ ସାଜିବି
ହୋଇବି ସାର ଇନ୍ଧନ,
ଜୀବଜଗତର ସେବା ପାଇଁ ପୁଣି
ହେବ ମୋର ପୁନର୍ଜନ୍ମ,
ପୁଣି ନେବି ନବଜନ୍ମ ॥

**ୱାଶିଂଟନ, ଯୁକ୍ତରାଷ୍ଟ୍ର ଆମେରିକା**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
CC BY-NC-SA 4.0 VOL.09 - ISSUE.11 - NOVEMBER 2025

# ନିଛୁକ ପ୍ରେମ

**ବନମାଳୀ ନାମଦେଓ**



ପ୍ରେମ ନୁହେଁ ଏଠି ଶାଶ୍ୱତ ନିର୍ମଳ
ପ୍ରେମ ଏଠି ସ୍ୱାର୍ଥପର
ସ୍ୱାର୍ଥ ଲୋଭ ଆଶା ପ୍ରବଳ ଯେଉଁଠି
ପ୍ରେମର ସେଇଠି ଘର ।।୧।।

ନିସ୍ୱାର୍ଥ ପ୍ରେମରେ ପେଟ କି ପୁରିବ
ଭୌତିକ ସୁଖ ଯେ କାହିଁ
ପ୍ରେମ ଖାଲି ଏକ କବିତାର ଗାର
ବାସ୍ତବତା କିଛି ନାହିଁ ।।୨।।

ଏକ କୁ ଆରେକ ଯୋଡ଼ା ଯୋଡି ଏଠି
ସ୍ୱାର୍ଥର ସପନ ନେଇ
ବନ୍ଧୁ ପରିବାର ସ୍ୱାର୍ଥ ପ୍ରେମେ ବନ୍ଧା
ନିଛୁକ ସତ୍ୟ ଯେ ଏଇ ।।୩।।

ଅଣଦେଖା କରି ଚାଲିଯିବେ ସେହି
କହୁଥିଲୁ ଯା'କୁ ନିଜର
କରୁଥିବୁ ବସି ଗୁଣନ ହରଣ
ଭୁଲ୍ ବା ରହିଲା କାହାର ।।୪।।

ସ୍ୱାର୍ଥ ସରିଗଲେ କିଏ ତୋ ନିଜର
ଅଜଣା ହୋଇବୁ ତୁହି
ବର୍ଜ୍ୟବସ୍ତୁ ପରି ଅଲୋଡା ଜାଗାରେ
ପଡ଼ିଥିବୁ ଶୁନ୍ୟେ ଚାହିଁ ।।୫।।

**କୁଚିଣ୍ଡା, ସମ୍ବଲପୁର**
**ସମ୍ପର୍କ - ୭୦୦୮୭୬୬୬୮୬**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
CC BY-NC-SA 4.0
VOL.09 - ISSUE.11 - NOVEMBER 2025

# ପେଣ୍ଠାଏ ପ୍ରୀତିଫୁଲ

**ସୁଜିତ କୁମାର ମିଶ୍ର**



ଅଭିମାନୀ ଓଠେ ତୁମେ ବାରମାସୀ
ଅସୀମ ପ୍ରଣୟୀ ହସ,
ଯାହାର ଛୁଆଁରେ ଯାତନା ମୋ ପାଇଁ
ଯାନିଯାତ୍ରା ମଧୁମାସ ।

ତୁମେ କଳଙ୍କିତ ତୁମ ଲୁହ ପାଇଁ
ମୋତେ ଆପଣେଇ ନେଇ,
ସୁନ୍ଦରୀ ପ୍ରେମିକା ବୋଲି ଏ ଜୀବନେ
ପାପ ତୁମ ପୁଣ୍ୟ ନଇ ।

ନିଦାଘରେ ତୁମେ ମଧୁର ମଳୟ
ନିଦରେ ମୋହିନୀ ସ୍ୱପ୍ନ,
ଏତେ ଭାବ ପାଇଁ ଅନ୍ତର ମୋହର
ତୁମ ପାଇଁ ତପୋମଗ୍ନ ।

ନୀରବତା ତୁମ ପ୍ରଣୟ ରାତିର
ନିରୁତା ଆଳାପ ଝର,
ନହେଲେ କାହିଁକି ସେ ପାଦଶବ୍ଦ ମୋ
ନୂପୁର ଛନ୍ଦର ସ୍ୱର ।

ବାନ୍ଧବୀ ହୁଅ କି ବଧୂ ନିରୁପମା
ଭାବ ତୁମ ମଧୁଝରା,
ତୁମେ ଯେବେ ତେଣୁ ଆଖପାଖେ ମୋର
ଭିଜୁଥାଏ ବର୍ଷସାରା ।

ତୁମେ ବଦଳିନ ଋତୁ ପରି କେବେ
ତୁମ ଭାବ ବାରମାସୀ,
ମୋ ଲୁହରେ ଯେଣୁ ତୁମେ ଭିଜ ନିତି
ଶ୍ରାବଣଠୁ ବେଶୀ ବେଶୀ ।

ଅଲିଭା ପ୍ରୀତିର ତୁମେ ତଟିନୀ ମୁଁ
ଅଶାନ୍ତ ସାଗର ସିନ୍ଧୁ,
ବୋଧେ ସେଥିପାଇଁ ପ୍ରତୀକ୍ଷାରେ ତୁମ
ଭାବ ମୋର ଲୁହ ବିନ୍ଦୁ ।

**ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର**
**ସମ୍ପର୍କ - ୭୬୮୩୮୬୭୭୪୨**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

# ଟାଗ୍ରୀ ଡ଼ଙ୍ଗର

**ଦଶରଥ ମାଝୀ**



କୁରୁମାଟୁଆଁ ଉତ୍ତର ଦିଗେ
ଅଛି ଟାଗ୍ରୀ ଡ଼ଙ୍ଗର
ବରଷା ମାସେ ଶାଗୁଆ ଡାଳେ
ଦିଶେ କେଡେ ସୁନ୍ଦର ॥୧॥

ଭୀମାବୁଢାଙ୍କୁ ପୂଜା କରନ୍ତି
ଟାଗ୍ରୀ ଡ଼ଙ୍ଗର ତଳେ
ପୂଜାପାଠରେ ମହକି ଉଠେ
ଚଇତ ମାସ ବେଳେ ॥୨॥

କୁରୁମାଟୁଆଁ ଘୁଷୁରୀଗୁଡ଼ି
କାଉଗୋପନା ପାଶେ
ଖୋଲାଣ୍ଡି ଗାଁ'କୁ ଲାଗି କରିତ
ଟାଗ୍ରୀ ଡ଼ଙ୍ଗର ଦିଶେ ॥୩॥

ଟାଗ୍ରୀ ଡ଼ଙ୍ଗର ସତେ ଯେମିତି
ହାତୀ ସଦୃଶ ଭଳି
ଉଚ୍ଚା ପଥର ରହିଛି ଦେଖ
ଦୁଇ ଆଖ୍‌କୁ ଖୋଲି ॥୪॥

ଘୋଡାଉଡେନ ଗୁମ୍ଫା ରହିଛି
ଟାଗ୍ରୀ ଡ଼ଙ୍ଗର କୋଳେ
ନାନା ବିହଙ୍ଗ ଉଡି ବୁଲନ୍ତି
ବସି ସବୁଜ ଡାଳେ ॥୫॥

**କୁରୁମାଟୁଆଁ, ଭବାନୀପାଟଣା, କଳାହାଣ୍ଡି**
**ସମ୍ପର୍କ - ୮୨୪୯୨୧୨୪୭୨**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

# ତିନି ମାଙ୍କଡ

**ଆକୁଳାନନ୍ଦ ପୃଷ୍ଟି**



ଖରାପ ଦୃଶ୍ୟଟି ଆଖିରେ ପଡିଲେ
ମନ ରହିଯାଏ ଲାଖି
ଯେତେ ଦେଖୁଥିଲେ ସେତେ ଇଚ୍ଛା ହୁଏ
ଫେରାଇ ହୁଏନି ଆଖି ॥

ଖରାପ ଶବ୍ଦଟି କାନରେ ପଡିଲେ
ଟାଣି ହୋଇଯାଏ ମନ
ଯେତେ ଚେଷ୍ଟା କଲେ ପାସୋରି ହୁଏନି
ସତୀ ମତି ହୁଏ ଭ୍ରମ ॥

କୁ-ବଚନ ପଦେ ତୁଣ୍ଡରୁ ଖସିଲେ
ଜଳ ଉଠିଥାଏ ଜଳି
ବିନା ଆଘାତରେ ଲହୁ ଲୁହ ଝରେ
ମଣିଷ ପଡନ୍ତି ବଳି ॥

ଯାହା ଦେଖୁ ଶୁଣୁ ମନେ ମନେ ଗୁଣୁ
କରୁ ତାହା ଉଚ୍ଚାରଣ
ମନ୍ଦ ଦେଖି ଶୁଣି ମନ୍ଦର ପ୍ରଭାବେ
ମନ୍ଦ ହୁଏ ଆଚରଣ ॥

ଖରାପ ଦେଖନି ଖରାପ ଶୁଣନି
କୁହନି ଖରାପ କଥା
ଦର୍ଶନ ଶ୍ରବଣ ବାକ୍ୟ ଉଚ୍ଚାରଣ
ରଖ ସଦା ସଂଯମତା ॥

ସାଧୁ ହେବା ପାଇଁ ସାଧୁ ସଙ୍ଗ କର
ପିଅ ସାଧୁ ସୁଧା ରସ
ଆଉ ଯାହା ସବୁ ଅମୃତ ଭାବୁଛ
ସବୁ ମିଛ ସବୁ ବିଷ ॥

ଏହା ତ ଗାନ୍ଧୀ ଦର୍ଶନ
ତିନି ମାଙ୍କଡଙ୍କ ଛବି ବଖାଣୁଛି
ସାଧୁ ହୁଅ ସାବଧାନ ।

**ଅବସରପ୍ରାପ୍ତ ପ୍ରଧାନଶିକ୍ଷକ**
**ମହାଳପଡ଼ା କଖଡି କଟକ**
**ସମ୍ପର୍କ - ୯୪୩୭୮୬୪୫୬୨**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
CC BY-NC-SA 4.0 VOL.09 - ISSUE.11 - NOVEMBER 2025

# ମିଛ ସମ୍ପର୍କ

**ନାରାୟଣ ରାଉତ**



ଭାବୁଥାଅ ଯଦି ତୁମେ
ମୁଁ ପ୍ରେମିକ କବି,
ଦର୍ପଣ ଆଗରେ କେବେ
ଦେଖିଛ ନିଜ ଛବି ।
ଯଦି କେବେ ଲେଖିଥାଏ
ପ୍ରେମର କବିତା,
ଆଉ କାହା ପ୍ରେମ କଥା
ମୋ ହାତରେ ଲେଖା ।
ତୁମ ପରି ପ୍ରେମିକା ଯେ
ମୋ ଭାଗ୍ୟରେ କାହିଁ,
ମିଥ୍ୟା ପ୍ରତିଶ୍ରୁତି ଦେବା
ମୋ ଜାତକରେ ନାହିଁ ।
ତୁମ ଭାବ ମୋ ଅଭାବ
ପୁରାପୁରି ଭିନ୍ନ,
ଆମ ପ୍ରେମ ଅଧାବାଟେ
ହୋଇଯିବ ଛିନ୍ନ ।
ତୁମେ ହ୍ୱାଇଟ ଆଉ ମୁଁ
ବ୍ଲାକ ଏଣ୍ଡ ଟିଭି,
ସେଥିରେ ଫୁଣି କଲରଫୁଲ
ଦେଖାଯିବ ଛବି ।

କିଏ କହେ ପାଗଳ ମୁଁ
କିଏ କହେ ବୋକା,
ମତେ ନେଇ ପ୍ରେମ କଲେ
ଖାଇଯିବ ଧୋକା ।
ତୁମ ପାଇଁ ଜୀବନ
ପ୍ରେମର ରାଗିଣି,
ମୋ ପାଇଁ ସଂସାରଟା
ବଡ ମାୟାବିନୀ ।
ଏ ସୁନ୍ଦରୀ ନାରୀ
ତୁମ ମାୟା ବଡ ବିପରୀତ,
ତୁମେ ଖୋଜୁଥିବା
ଏ ନୁହେଁ ଗରାଖର ହାତ ।
ସମୟ ମତେ ସଜାଇ ଦେଇଛି
ବେରସିକ କବି,
ମୋ ପ୍ରେମ ତାଲା କୁଆଡେ ଗଲାଣି
ହଜିଛି ତାର ଚାବି ।

**ନଛିପୁର, ଖଇରା, ବାଲେଶ୍ୱର**
**ସମ୍ପର୍କ - ୮୫୯୪୮୫୩୫୯୩**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
VOL.09 - ISSUE.11 - NOVEMBER 2025
CC BY-NC-SA 4.0

# ସପ୍ତମନ୍ତ୍ର

**ସୁରେଶ ଚନ୍ଦ୍ର ବାୟୀ**



ସତ୍ୟକୁ ପାଳିବୁ ଜୀବନ ଧନରେ
ଅଟେ ସିଏ ମା ପରି,
ସତ୍ୟ ପାଳି ରାମ ଗଲେ ବନବାସ
ସଂସାରେ ପଡିଛି ହୁରି ।
ଜ୍ଞାନ ଧନ ଯା'ର ଅଟଇ ନିଜର
ସେ ରୁହେ ସର୍ବ ଉପରେ,
ପିତା ଭଳି ସାହା ହୋଇଥାଏ ସଦା
ଭୟ ନାହିଁ ବିପଦରେ ।
ଧର୍ମ ଦାଣ୍ଡେ ତୁମେ ଠିଆହୋଇ ରୁହ
ଅଧର୍ମ ପଥକୁ ଛାଡି,
ଭାଇ ଭଳି ଧର୍ମ ତୁମ ସଙ୍ଗେ ଥିବ
ଅଣ୍ଟାରେ ଗାମୁଛା ଭିଡି ।
ଦୟାକୁ ରଖିଲେ ହୃଦୟେ ତୋହର
ସମସ୍ତେ ହୋଇବେ ମିତ୍ର,
ମିତ ରୂପ ଧରି ତୋ ଜୀବନେ ପଥେ
ଚଳାଇବ ସୁଖ ରଥ ।
ସ୍ନେହ କଥା ମୁହିଁ ଥରେ ଦେଲେ କହି
ବର୍ଷୀବ ଅମୃତ ବର୍ଷା,
ଝିଅଟିଏ ହୋଇ ସଭିଙ୍କ ଆଦର
ମାତା ପିତାଙ୍କ ଭରସା ।
କ୍ଷମା ଗୁଣ ଥିଲେ ଜୀବନ ଯୁଧରେ
ହେବନାହିଁ ପରାଜୟ,
ପୁତ୍ର ପରି ଆସି ବିଫଳ ବେଳାରେ
ସଫଳ ହେବ ଉଦୟ ।
ଶାନ୍ତିର କାହାଣୀ ତୁ ବୋଧେ ଜାଣିନୁ
ଚତୁଃର୍ଦିଗରେ ଅଶାନ୍ତି,
ପରିବାର ସବୁ ଏକାଠି ରହିଲେ
ବିରାଜିବ ଆମ ପ୍ରିତି ।

**ପ୍ରବାହ ସାହିତ୍ୟ ସଂସଦ**
**ନୀଳକଣ୍ଠପୁର, କେନ୍ଦ୍ରାପଡ଼ା**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

# ସ୍ୱାଭିମାନର ବସା

**ସ୍ୱର୍ଣ୍ଣ ରଥ ମହାପାତ୍ର**



ସାପ ମରିଲାନି କି ବାଡି ଭାଙ୍ଗିଲାନି
ଏବେ ସାପ ଆଉ ବାଡ଼ିକୁ ଡରୁନି
ସ୍ୱାଭିମାନର ବାଡି ଏଣିକି ନିଜକୁ
ଅଧିକ ଶକ୍ତ ଏବଂ ଦମ୍ଭିଲା ବନୋଉଛି
ଭାଙ୍ଗିଯିବ ପଛେ ନଇଁବ ନାହିଁ
ଶକ୍ତ ଲୁହା କିମ୍ବା ଟାଣ ପଥର ହେଲେ
କିଏ ଭାଙ୍ଗି ଭିନ୍ନ ଆକୃତି ଦେଇପାରେ
ସେପାଇଁ ସେ ବାଡି ବନିବାକୁ ପସନ୍ଦ କଲା
ସ୍ୱାଭିମାନର ଯୁଦ୍ଧ ଅନ୍ତହୀନ
ସେ ଯୁଦ୍ଧର ବିରାମ ନାହିଁ ।
ଆଭିଜାତ୍ୟର ଆକାଶ
ମାଟିଠୁ ଦୁରେଇ ଦୁରେଇ ଚାଲିଛି
ସତ୍ତା, ପ୍ରତିଷ୍ଠା, ଶକ୍ତିର ତୃଷ୍ଣା
ଶୋଷି ନେଇଛି ମଧୁର ଝରଣା
ମାଟିର ତୃଣ ସକାଳେ କାକରରେ ଭିଜେ
ଦିନରେ ରୌଦ୍ର ତାପରେ ସିଝେ
ସଂଜରେ ରାତିକୁ ସପନ ସମର୍ପି
ସ୍ୱାଭିମାନର ଭାତ ଲୁଣ ଖାଇ
ଶୋଇଯାଏ ଦଳିତ ଶ୍ରମିକ ପରି ନିର୍ବିକାରେ
ସ୍ୱାଭିମାନର ଯୌବନ
ଜହ୍ନ ରାତି ଆଙ୍କେନି କି
କାହାକୁ ବିମୋହିତ କରେନି ।
ସେ ତା ରିତୀ ନୀତି ସ୍ୱଭାବର ପ୍ରତିବିମ୍ବ
ନିଜେ ଆଙ୍କେ ନିଜ ଆଇନାରେ
କାହାକୁ ଦେଖେଇବାକୁ ଚାହେଁନା
ତା ଭିତରର ଲୁପ୍ତ ମଣିଷକୁ, ପ୍ରତିବିମ୍ବକୁ
ନିଜ ଶକ୍ତି ସାମର୍ଥ୍ୟର ଫସଲ କାଟି ଖାଏ
କାକୁସ୍ଥ ପ୍ରାର୍ଥନା ହେଇ ଠିଆ ହୁଅନି କାହା ଆଗେ
ଛଳନାର ଦାଣ୍ଡରୁ ଖଚ ମିଛ ସାଉଁଟି
ନିଜ ଦୁନିଆଁକୁ ସଜେଇ ଧଜେଇବାର କଳା
ତା ଅଭିନୟ ମଞ୍ଚରେ ମଞ୍ଚସ୍ଥ ହୁଏନା
ଆତ୍ମ ବିଜ୍ଞପ୍ତିର ଢୋଲ ବଜେଇ ଆସେନି ବୋଲି
ସେ ଆଜି ବଣମଲ୍ଲୀ
ସମ୍ପର୍କ ସହରର କୋଳାହଳଠୁ ଦୂରରେ
ତାର ନୀରବ ବସାଟିଏ
ସେଇ ତାର ଧନ ମାନ ଜୀବନ ।

**ବିଜୟା ଗାର୍ଡେନ, ଜାମସେଦପୁର**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

# ତୁମେ ମୋ ହୃଦୟର ସଂଗୀତ

**ବିରଞ୍ଚିନାରାୟଣ ମିଶ୍ର**



ତୁମ ନୟନ ମୁଁ ଯେତେବେଳେ ଦେଖେ
ମୋ ହୃଦୟର ଦୁଃଖ ହାଲୁକା ହୋଇଯାଏ
ତୁମର ହସ, ଜୀବନର ଗଭୀର ନଦୀ ଭଳି
ମୋ ମନକୁ ଶାନ୍ତି ଦିଏ,
ସ୍ନେହର ଲହରୀ ଖେଳାଏ
ତୁମେ ମୋ ହୃଦୟର ସଙ୍ଗୀତ
ମୋ ସ୍ୱପ୍ନର ରୂପ, ସଦା ମୋ ସାଙ୍ଗ
ତୁମ ସହିତ ଜୀବନ ବିତାଇବାକୁ ଚାହେଁ
ଏ ମୋ ମନର ଗୀତ, ପ୍ରେମର ଗୀତ
ସକାଳ ହେଲେ ତୁମ ସ୍ମୃତି ମୋ ମନରେ ଆସେ
ପ୍ରକୃତିର ପ୍ରତ୍ୟେକ କୋଣରେ
ତୁମ ସ୍ପର୍ଶ ମଧୁର ଦିଏ
ହାତରେ ଧରିବା ସ୍ମୃତି,
ଯେଉଁଥିରେ ସମୟ ଚୁପ ହୋଇଯାଏ
ମୋ ହୃଦୟର ସମୁଦ୍ରରେ
କେବଳ ତୁମ ନାମ ହିଁ ତରଙ୍ଗ ମାରେ
ତୁମେ ମୋ ହୃଦୟର ସଙ୍ଗୀତ
ମୋ ସ୍ୱପ୍ନର ରୂପ, ସଦା ମୋର ସାଙ୍ଗ
ତୁମ ସହିତ ଜୀବନ ବିତାଇବାକୁ ଚାହେଁ
ଏ ମୋ ମନର ଗୀତ, ପ୍ରେମର ଗୀତ
ତୁମେ ମୋ ରାତିର ତାରା, ମୋ ଦିନର ସୂର୍ଯ୍ୟ
ପ୍ରତିକ୍ଷଣ ତୁମ ସ୍ମିତିର ଆଲୋକରେ
ମୋ ଜୀବନ ଆଲୋକିତ ହୁଏ
ତୁମ ସହିତ କଥା ହେବାର ପ୍ରତୀକ୍ଷା
ମୋ ମନର ଅନ୍ତରାଳରେ ଏକ ଅମୂଲ୍ୟ ଧନ
ତୁମେ ମୋ ହୃଦୟର ସଙ୍ଗୀତ
ମୋ ସ୍ୱପ୍ନର ରୂପ, ସଦା ମୋ ସାଙ୍ଗ
ତୁମ ସହିତ ଜୀବନ ବିତାଇବାକୁ ଚାହେଁ
ଏ ମୋ ମନର ଗୀତ, ପ୍ରେମର ଗୀତ ।

**ମଲ୍ଲୀପୁର, ନିଆଳ, ଖୋର୍ଦ୍ଧା**
**ସମ୍ପର୍କ - ୯୪୩୯୦୧୧୦୬୩**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

# ଉତ୍ତର ନାହିଁ କି ମୋ ପ୍ରଶ୍ନର

**ଅଧ୍ୟାପିକା ମନ୍ଦାକିନୀ ପାଢ଼ୀ**



ଭାବଟିଏ ବୁଣିଦିଏ ତୁମପାଇଁ
ରାତ୍ରିର କ୍ଲାନ୍ତ ଶବ୍ଦ ପରେ
ଯେବେ କାକର ନିଅଣ୍ଟ ପଡ଼ିଯାଏ
ମଉଳି ଯାଏ ପକ୍ଷୀର କାକଳି
ତଥାପି ଉତ୍ତର ଖୋଜି ପାଉନି
ମୋର ନିରୁଦ୍ଦିଷ୍ଟ ଚେତନାରେ ।।

ଜହ୍ନ ତାରାଙ୍କୁ ସାଥି କରି
ଲେଖିଦିଏ ମନ ଦିଆନିଆ ରତୁର
କିଛି କାହାଣୀ ଓ କବିତା
ମୋ ଅସମାପ୍ତ ବିନ୍ଦୁରେ
ଛିଡ଼ାହୋଇ ସମୁଦ୍ରକୁ ଦେଖେ
ତା'ର ଦୂର ଦିଗ୍ ବଳୟ ବ୍ୟାପୀ
ଅଶାନ୍ତ ଢେ଼ଉକୁ ପଚାରେ
ପାଏନି ଉତ୍ତର ।।

ତୁମପାଇଁ ଭାବଟିଏ ବୁଣୁ ବୁଣୁ
ନିଜକୁ ହଜାଇ ଦେବିନି ତ?
ତୁମେ କିନ୍ତୁ ଅବ୍ୟକ୍ତ ପରିବ୍ୟାପ୍ତ
ଉଦାର ହୃଦୟର ସ୍ପନ୍ଦନଟିଏ
ତଥାପି କାହିଁକି ଯେ
ମନ ବ୍ୟାକୁଳ ହୋଇ ଉଠେ ।।

ମୋ ସଂପର୍କର ହିସାବ ଖାତାରେ
ପ୍ରଶ୍ନର ଉତ୍ତର ଖୋଜେ କିନ୍ତୁ ପାଏନି...
ସ୍ଥିତପ୍ରଜ୍ଞା ହୋଇ ପ୍ରଶ୍ନିଳ ଆଖିରେ ଚାହିଁ ରହିବି
ଆୟୁଷ ଦୀପରୁ ତେଲ ସରିବା ପର୍ଯ୍ୟନ୍ତ ।।

**ପଦ୍ମପୁର, ବରଗଡ଼**
**ସମ୍ପର୍କ - ୭୦୭୭୪୫୬୦୭୨**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

# ପିତା ଗୁଣେ ପୁତ୍ର

**ଚନ୍ଦ୍ରା ମିଶ୍ର**



ଲାଲୁ ମାନସିଂହ ନାମ
ଓଡ଼ିଶା ଦେଶ ତା' ଧାମ
ମାତା ନାମ ହେମଲତା,
କବି ମାନସିଂହ ପିତା ।

ବୃତିରେ ସେ ବୈଜ୍ଞାନିକ
ଗବେଷଣାରେ ପ୍ରବୀଣ
ବିଦେଶକୁ ପଢି ଗଲେ
କାନାଡା ଦେଶେ ରହିଲେ ।

ସେଠାର ବାସିନ୍ଦା ହୋଇ
କଲେ ଗବେଷଣା ନିତି
ଦିନ ରାତି କରି ଶ୍ରମ
ଅର୍ଜିଲେ ବିଦେଶେ ନାମ

ବିଦେଶେ ଟାଇମ୍ସ ପତ୍ରିକା
ପ୍ରକାଶିଲା ତାଙ୍କ ଲେଖା
ପୁତ୍ରର ଗରିମା ଦେଖି
ମାୟାଧର ହେଲେ ଖୁସି ।

କିନ୍ତୁ ମାତା ହେମଲତା
କହିଲେ ତାଙ୍କର ବ୍ୟଥା ।
ନୋବେଲ ପ୍ରାଇଜ୍ ସିନା
ପାଇ ଥାନ୍ତୁ ଲାଲୁ ଲଲା ।

ଏତେ ବାଟରେ ରହିଲୁ
କି ବଡ଼ କାମ କରିଲୁ ?
ଦେଶରେ ଯଦି ଥାଆନ୍ତୁ
ଲୋଡିଲେ ଦୌଡ଼ି ଆସନ୍ତୁ ।

ମାଉସୀଙ୍କ କଥା ଶୁଣି
ମନେ ମନେ ଚିନ୍ତି ହେଲି
ଭାବିଲି ଦେବି କି କହି
ଜାଣନ୍ତି କି ମୋ ମାଉସୀ

ଭୂବିଜ୍ଞାନ ଗବେଷଣା
ମାଉସୀଙ୍କୁ ନାହିଁ ଜଣା
ସେଇ ବିଷୟଟି ପାଇଁ
ନୋବଲ ପ୍ରାଇଜ୍ ନାହିଁ

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବସିଲି ପାଖରେ ଯାଇ
କାନରେ କହିଲି ଧିରି
ତୁମ ପୁଅ ବିଦେଶରେ
ଯେଉଁ ପାଠ ସେ ପଢିଲେ

ବିଜ୍ଞାନର ସେ ବିଭାଗେ
ନାହିଁ ପ୍ରାଇଜ ତା ସାଙ୍ଗେ
ମୋ କଥା ଶୁଣି ମାଉସୀ
ଗଲେ ସାଙ୍ଗେ ସାଙ୍ଗେ ରୁଷି

ଲାଲୁ ଟା ମୋର ବଗୁଲା
ଜାଣିନି ପାଠ କି ପଢିଲା
ଯଦି ନାହିଁ ପୁରସ୍କାର
ସେ ପାଠ କେଉଁ କାମର ?

ଲାଲୁ ବାବୁ ଏବେ ବସି
ମନେ ମନେ ବିଚାରନ୍ତି
ଯଦି ଲେଖି ଥାନ୍ତି କବିତା
ସାଉଁଟି ଥାଆନ୍ତି ପ୍ରଶଂସା

ସାହିତ୍ୟ କ୍ଷେତ୍ରରେ ପଶି
ସଭା ସମିତିରେ ବସି
ପାଉଥାନ୍ତି ମାନପତ୍ର
ବାଜି ଥାନ୍ତା ତାଳି ମାନ ।

ନ ଥାଆନ୍ତା ମୋର ଗାଡି
ଅବା କୋଠାଘର ବାଡ଼ି
ହୋଇ ଥାଆନ୍ତି ମୁଁ କବି ।
ଚିରକାଳ ବଂଚି ଥାନ୍ତି !

ଜାଣି ଥାନ୍ତେ ମତେ ସର୍ବେ
ସାରା ଓଡିଶା ଓ ଭାରତେ
ପଢୁଥାନ୍ତେ ମୋ କବିତା
ପିଲା, ବୁଢା ଆଉ ଯୁବା ।

ନହେଲେ ନାହିଁ ମୁଁ କବି
ସାହିତ୍ୟ ସେବା କରିବି
ଗଢିଲି ଓଷା ଜର୍ଣ୍ଣାଲ
ଏବେ ଉର୍ମି ତାର ନାମ

ପ୍ରବାସୀ ଧରି କଲମ
ଲେଖିଲେ କବିତା ଗଳ୍ପ
ଦେଶ ବା ବିଦେଶ ହେଉ
ଆମରି ଭାଷାଟି ରହୁ ।

**ଫିଲାଡେଲ୍ଫିଆ, ଯୁକ୍ତରାଷ୍ଟ୍ର ଆମେରିକା**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
CC BY-NC-SA 4.0
VOL.09 - ISSUE.11 - NOVEMBER 2025

# ଆମ ପିତା ମାତା ଚଳନ୍ତି ଦେବତା

**ଡ଼ଃ ଅନୁପମା ବିଶ୍ୱାଳ**



ଆମ ପିତା ମାତା ଚଳନ୍ତି ଦେବତା
ଜୀବନର ମୂଳାଧାର
ତାଙ୍କରି ପରଶେ ଏ ଜୀବନ ହସେ
ହୁଏ ସରବ ସୁନ୍ଦର ।

ହାତ ଧରି ହାତେ ହୋଇ ବିମୋହିତେ
ଦେଖାଇଛନ୍ତି ଯେ ପଥ
ତାଙ୍କରି ପଥରେ ଚାଲି ଧୀରେ ଧୀରେ
ହୋଇଅଛୁ ଆଲୋକିତ ।

ଶିକ୍ଷା ଦୀକ୍ଷା ଦେଇ ସଂସ୍କାର ଶିଖାଇ
କରିଛନ୍ତି ପ୍ରସାରିତ
ତାଙ୍କ ନୀତି ଜ୍ଞାନ ଅଟେ ବରଦାନ
କରେ ସଦା ଶୃଙ୍ଖଳିତ ।

ଅବାଟରୁ ଆଣି ମନକଥା ଜାଣି
ଦେଖାଇ ସୁପଥ ନିଶି
ସବୁ ଭ୍ରମ ଭ୍ରାନ୍ତି ଦୂର ହିଁ କରାନ୍ତି
ତେଣୁ ନାଚୁଥାଏ ଖୁସି ।

ତାଙ୍କ ହିତେ ସେବା ପାଇଁ ମନ ଦେବା
ମହାଭାବ ହୃଦେ ଧରି
ତାଙ୍କରି ଆଦର୍ଶେ ଚାଲୁଥିବା ବାଟ
ଲଭିବା ହେ ସୁଖ ଶିରୀ ।

ଆମରି ଜୀବନ ପାଇ ମାନ ଧନ
ତାଙ୍କ ହେତୁ ଯାଏ ଭରି
ତାଙ୍କ ପାଦ ଧରି ମଥା ନତ କରି
ହୋଇବା ସଂସାରୁ ପାରି ।

**ମୁଦିପଡା, ସମ୍ବଲପୁର**
**ସମ୍ପର୍କ - ୭୯୭୮୫୬୮୩୨୨**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
CC BY-NC-SA 4.0 VOL.09 - ISSUE.11 - NOVEMBER 2025

# ବିଲ୍ୱ ବରଣ



**ଡଃ ଶ୍ରୀବତ୍ସ ମେହେର**

ବିଲ୍ୱ ତରୁ ପତ୍ର ଶାଶ୍ୱତ ପବିତ୍ର
ଶିବଙ୍କ ପୂତ ପୀୟୂଷ,
ସେଇ ପଲ୍ଲବରେ ପୂଜା କଲେ ଭକ୍ତ
ଲଭେ ପ୍ରଭୁଙ୍କ ଆଶିଷ ।

ବିଲ୍ୱ ତରୁ ମୂଳେ ଧୂପ ଦୀପ ଫଳ
ଫୁଲେ କରନ୍ତି ଅର୍ଚ୍ଚନା,
ବରଣ କରିଣ ନିଅନ୍ତି ପବିତ୍ରେ
ମାତାଙ୍କୁ କରି ବନ୍ଦନା ।

କଳସ ଉପରେ ବେଲ ପତ୍ର ରଖି
ପୁଜନ୍ତି ସେଠି ଶଙ୍କର,
ଶଙ୍କର ପାର୍ବତୀଙ୍କୁ କରିଣ ସ୍ତୁତି
ଶରଧା ରଖି ଅନ୍ତର ।

ନବରାତ୍ରୀ ନବ ରୂପ କାତ୍ୟାୟନୀ
ଷଷ୍ଠ ଦିବସରେ ସତୀ,
ଆବିର୍ଭୁତ ହୋନ୍ତି ଶିବଙ୍କ ଆଶିଷେ
ହୃଦେ ରଖି ତପ ଶକ୍ତି ।

ନବ ରୂପ ନବ ଶକ୍ତି ନବ ରାତ୍ରୀ
ନବ ସୃଷ୍ଟି ଅଭିବ୍ୟକ୍ତି,
ନବ ନିର୍ମାଣର ହୁଅନ୍ତି ପୂଜିତ
ଦେବୀ ମାତୃ ଶ୍ରେଷ୍ଠ ଶକ୍ତି ।

ବେଲ ପଲ୍ଲବ ଟି ଗୁଣରେ ମହାନ
ଯାହାର ଅମୋଘ ଶକ୍ତି,
ଆନନ୍ଦ ହୁଅନ୍ତି ଶିବ ଓ ପାର୍ବତୀ
ଥିଲେ ଶ୍ରଦ୍ଧା ନିଷ୍ଠା ଭକ୍ତି ।

ତାଙ୍କର ପୂଜାରେ ବେଲ ପତରର
ଥାଏ ଅସୀମ ମହିମା,
ମହିମାର ଗାନ ଯେତେ କଲେ ସୁଦ୍ଧା
କି ଦେଇ ହେବ ଉପମା ?

**ମାନେଶ୍ୱର, ସମ୍ବଲପୁର**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

# ପଖ୍ଆ

**ପ୍ରଫେସର ନୀଳମାଧବ କର**



ତମକୁ ତିନ୍ତିବାକୁ ଇଚ୍ଛା
ବର୍ଷାରେ, ଲୁହରେ

ନିରୋଳାରେ ଟିକେ କାନ୍ଦି ପାରନି ବୋଲି
ବରଷାକୁ ଅନେଇ ଥାଅ ତମେ

ମୁହଁ ତୋଳି ଆକାଶକୁ
ବରଷା ବିନ୍ଦୁରେ, ଓଦା ମୁହଁରେ
ଲୁହକୁ ଲୁଚେଇ
କେମିତି ଯେ ହସ ତମେ ମିଛ ମିଛ

ତମକୁ ଘୋଡେଇବାକୁ,
ମୋତେ ପଖ୍ଆଟେ ହେଇ
ଭିଜିବାକୁ ପଡ଼େ

ତମେ ଜାଣ, ମୁଁ ଜାଣେ
ତମ ଦୁଃଖ ନ ଜାଣିବାର ଅଭିନୟ
ଆମେ ଦି'ଜଣ କରନ୍ତି

କିଏ ତମ ଦୁଃଖ ବାଣ୍ଟି ନେଉ
ଦୁଃଖୀ ହେଉ ତମ ଦୁଃଖରେ
ତମକୁ ଭଲ ଲାଗେନା

ତମ ଦୁଃଖରେ ଭିଜୁଛ ବୋଲି
ଜାଣି ଅଜଣା ରହିବାରେ
ମୋତେ ଭଲ ଲାଗେନା

ଏଣିକି ମୁଁ ପଖ୍ଆ ସଜାଡ଼ିଲେ
ତମେ ହସ,
ତମେ ଜାଣ, ମୁଁ ଜାଣେ
ଆଉ ଗୋଟେ ବରଷାର ରତୁ
ଆସନ୍ନ ପ୍ରାୟ
କଳା ଘୁମର ଶାଢୀରେ

**ଓଲଭରହାମ୍ପଟନ, ୟୁକେ**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
CC BY-NC-SA 4.0 VOL.09 - ISSUE.11 - NOVEMBER 2025

# ତୁମକୁ ପାଇ

**ହାସ୍ୟମୟୀ ରାଜ୍**



ତମକୁ ପାଇ କ'ଣ ପାଇଛି
ହିସାବ କରିବାକୁ  ବେଳ କାହିଁ  ??
ଚାଲିଛି ତ ଚାଲିଛି..
ଆସିଥିବା ତାଲିକା ଧରି
ସଂସାର ହାଟରେ
ଖାସ୍ ତମ ମୁହଁରେ
ହସ ଟିକେ କିଣିବାକୁ..

ପ୍ରତାରଣା ନୁହେଁ ଦୃଷ୍ଟି ନିବିଦ୍ଧ ମୋର
ପ୍ରେମର ଆକାଶ ଛୁଆଁ
ପିରାମିଡ୍ ଗଢିବାକୁ
ପ୍ରତିଶ୍ରୁତିର ଫର୍ଦ୍ଦ ସବୁକୁ
ବାରମ୍ବାର ପଢୁଛି
ଭୁଲିବାକୁ ଚାହିଁନି ବରଂ ଚାହିଁଛି
ଗୋଟି ଗୋଟି ପୁରା କରିବାକୁ ।।

ମୋ ପାଇବା ନୁହେଁ ତମ ପାଇବାର
ଶେଷ ଖୁଣ୍ଟି ଦେଖୁଛି କେତେ ବାଟ
ରାସ୍ତା ମାପୁନି ବରଂ ହାତ ବଢ଼େଇଛି
ତାକୁ ଛୁଇଁବାକୁ ।।

ତମର ସବୁ ପାଇବା
ଭିତରେ ତ ମୋ ପାଇବା
ମୋ ହସ ଲୁହ ସବୁ ଲଟକିଛି
ଏ କଥା ବୁଝିଗଲା ପରେ
ମୋ ଠାରୁ ଦେଖୁଛି ଅଧିକ... ତମକୁ ।।

ମୋର ସବୁ ସ୍ୱପ୍ନ
ସବୁ ସମ୍ଭାବନା ଭିତରେ
ତୁମପାଇଁ ସ୍ଥାନଟିଏ
ପ୍ରଥମେ ତ ଅଛି
ତମକୁ ବାଦ୍ ଦେଇ ନୁହେଁ
ତେଣୁ ଦେଖିବାକୁ ଚାହିଁଛି
ଖାସ୍ ସେଇ ସ୍ୱପ୍ନକୁ ।।

**ଓରାଳି, ହାଟଡିହି, କେନ୍ଦୁଝର**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0.  [ visit online - https://www.banamalli.org ]*

# ବଣମଲ୍ଲୀ

**ସବିତା ଷଡ଼ଙ୍ଗୀ**



ମୁଁ ବଣମଲ୍ଲୀ ବଣରେ ଫୁଟି ଯାଉଛି ଝରି
ହେଲେ ଗୁଣ ରଖିଅଛି ସାଇତିକରି ॥

ଘର ମଲ୍ଲୀ ପରି ମୋର ନାହିଁ ବାସନା
ତଥାପି ମୁଁ କେବେ ନୁହଁଇ ଆନମନା ॥

ବିହି କରିଅଛି ମତେ ଫୁଲ
କେହି ନୁହଁନ୍ତି ମୋ ସମତୁଲ ॥

କୋମଳ ଗୁଣରେ ତନୁ ମୋ ଭରା
ଉଜ୍ଜ୍ୱଳ ରଙ୍ଗରେ କରେ ଇଶାରା ॥

ଫୁଲ ରୂପେ ପାଇଥାଏ ଆଦର
ସଭିଙ୍କୁ ବାଣ୍ଟେ ହସର ବେଭାର ॥

ପେଣ୍ଠା ପେଣ୍ଠା ହୋଇ ମୁଁ ଝୁଲୁଥାଏ
ଲଘୁ ବାସନାରେ ମନକୁ ମୋହେ ॥

ବଣେ ଫୁଟି ବଣେ ଝରି ଯାଉଛି
ହେଲେ ଦିବ୍ୟଗୁଣେ ବିହି ସଜାଇ ଅଛି ॥

ଚେରରେ ଅଛି ମୋ ଔଷଧ ଗୁଣ
ଭିନ୍ନ ଭିନ୍ନ ରୂପେ ମୋହୁଛି ମନ ॥

ହୁଏ ମୁଁ ଗଜରା ହୁଏ ଅତର
ତରୁଣୀ ମାନଙ୍କ ଭାରି ଆଦର ॥

ଫୁଲ ମୁହିଁ ଏହା ଶିଖାଇଥାଏ
ସଫା ମନେ ଯେ କର୍ମ କରିଥାଏ ॥

ଆଦର ସମ୍ମାନ ମିଳେ ସତତ
ଗୁଣ ଭୁଲେନାହିଁ କେବେ ଜଗତ ॥

**ଧନୁପାଲି, ସମ୍ବଲପୁର**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

# ପ୍ରଥମ ପ୍ରେମ

**ଭବାନୀ ଶଙ୍କର ମେହେର**



ତୁହି ଅଟୁ ମୋର ପ୍ରଥମ ପ୍ରେମ ଲୋ
ପ୍ରେମ ରାଇଜର ନାୟିକା,
ଯେଉଁଦିନ ତତେ ପ୍ରଥମେ ଦେଖିଲି
ତାହା ତ ମୋ'ପାଇଁ ମଉକା ॥୧॥

ଗଳାହାର କରି ରଖିବାକୁ ଚାହେଁ
ଅତି ଯତନରେ ମୁହିଁ ତତେ
ଥିବୁକି ସଜନୀ ଦିବସ ରଜନୀ
ଯୋଡ଼ିହୋଇ ସଦା ମୋର ସାଥେ ॥୨॥

କରିଅଛି ଆଶା ରଖିଛି ଭରସା
ହେବୁ ବୋଲି ମୋର ସହଚରୀ
ଦେବୁନାହିଁ ଧୋକା ହେ! ମୋର ନାୟିକା
ଗୁହାରୀ କରୁଛି ହାତଧରି ॥୩॥

ତୁହି ସଦ୍ୟପୁଷ୍ପ ମୁଁ ଅଟେ ମଧୂପ
ମତୁଆଲା ତୋର ବାସନାରେ
କରିଅଛି ଆଶ ଅଛି ମୋ ବିଶ୍ୱାସ
ନିଶ୍ଚୟ ଚାଖିବି ରସନା ରେ ॥୪॥

ସତ କହୁଛି ଲୋ ମୋ ନୟନେ ତୁହିଁ
ଅପାଶୋରା ଏକ କବିତା
ଦେହ ମନ ମୋର ଉଷୁମ ପାଇଁକି
ଶୀତ ସକାଳର ସବିତା ॥୫॥

ଦେହ ଛୁଇଁ ମୋର କହ ସୁନା ଗୋରୀ
ଦେଉନୁ ତ ମିଛ ପ୍ରତିଶ୍ରୁତି ?
ସରଳ ହୃଦୟେ ଗରଳ ଭରିଲେ
ହନ୍ତସନ୍ତ ହେବି ଦିନ ରାତି ॥୬॥

**ଧନୁପାଲି, ମହାବୀରପଡା, ସମ୍ବଲପୁର**
**ସମ୍ପର୍କ - ୯୯୩୮୧୨୦୧୦୨**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମାଲ୍ଲୀର ମହକ
CC BY-NC-SA 4.0
VOL.09 - ISSUE.11 - NOVEMBER 2025

# ତୋ ମୁହଁର କଳାଜାଇ

**ସୂର୍ଯ୍ୟ ପାଣିଗ୍ରାହୀ**



ତୋ ମୁହଁର କଳାଜାଇ,
ରାତ୍ରିର ତାରା ପରି ଚମକେ,
ମୋ ହୃଦୟକୁ ଚୋରେଇ ନେଇ,
ମତେ ପାଗଳ କରିଦିଏ ।

ନୀଳ ଆକାଶରେ ଯେମିତି ଚନ୍ଦ୍ରରେ କଳଙ୍କ,
ତୋ ହସ ଭିତରେ ସେଇ କଳାଜାଇ,
ମୋତେ ଦେଇଛି ଅନନ୍ତ ପ୍ରେମର ସଂକଳ୍ପ ।

ତୋ ଓଠର ହସ, ଆଖିର ମାୟା,
ତୋର ଗାଲର ସେଇ କଳା ଚିହ୍ନ,
ପ୍ରତିଟି ଦର୍ଶନରେ
ମୋ ହୃଦୟକୁ କରିଦିଏ ବାଟବଣା,
କଣ ଯେ ରହସ୍ୟ ତା'ରି ଭିତରେ,
କେଉଁ ଜାଦୁଗର ସାଜିଛି ସେ ବିନ୍ଦୁ,
ତୋ ସୌନ୍ଦର୍ଯ୍ୟର ତରଙ୍ଗିନୀ,
ମୋ ସ୍ୱପ୍ନର ଏକମାତ୍ର ବନ୍ଧୁ ।

ପ୍ରେମର ନଈରେ ଭାସୁଛି ମୁଁ,
ତୋ କଳାଜାଇର ଆକର୍ଷଣରେ,
ସମୟ ଥମିଯାଏ ତାରି ବାଟରେ,
ଦୁନିଆଁ ବି ଭୁଲିଯାଏ ଗୋଟିଏ ଝଲକରେ,
ଯଦି ପାରୁଥାନ୍ତି ମୁଁ,
ସେଥିରେ ଲେଖି ଦିଅନ୍ତି ମୋ କାହାଣୀ,
ତୋ ମୁହଁର କଳାଜାଇ,
ମୋ ଜୀବନର ଅନନ୍ତ ଗାଥାନୀ ।

ଏଇ ପାଗଳାମିରେ ହଜିଯାଏ ମୁଁ,
ତୋର ଅତି ସମୀପରେ ରହି,
ସେଇ କଳାଜାଇର ଛାୟାରେ
ମୋ ପ୍ରେମ ସଦା ଜାଗ୍ରତ ହୁଏ,
ତୁ ମୋ ମନର ସୁନ୍ଦରୀ,
ସେଇ କଳା ଚିହ୍ନ ମୋର ଭାଗ୍ୟର ଚାବି କାଠି,
ପ୍ରତିଟି କ୍ଷଣରେ କୁହେ,
ତୁ ମୋର, ମୁଁ ତୋର ସାଥୀ ।

ତୋ ମୁହଁର କଳାଜାଇ,
ରାତ୍ରିର ତାରା ପରି ଚମକେ,
ମୋ ହୃଦୟକୁ ଚୋରେଇ ନେଇ,
ମତେ ପାଗଳ କରିଦିଏ,
ତୋ ମୁହଁର କଳାଜାଇ,
ତୋ ମୁହଁର ସେଇ କଳାଜାଇ ।

**ମାରୁତି ନଗର, ଗୋବିନ୍ଦତୋଳା, ସମ୍ବଲପୁର**
**ସମ୍ପର୍କ - ୯୧୭୮୨୬୦୨୪୮**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

# ଠକ୍

**ସିଦ୍ଧି ସ୍ୱରୂପା ପାଢ଼ୀ**



ଇଦିସେଦି କହିକରି ଲୁକ୍‌କୁ
ଠକି ଦେଉଛେ ଠକ୍
ତାର୍‌କଥା କେ ସତ୍ କରି କରି
ଆକାଶେ ଉଡୁଛନ୍ ଲୋକ୍ ।

ହାତ୍ କେ ଦେଖି କରି କହି ଦେଉଛେ
କେତେ ରକ୍‌ମର୍ କଥା
ସେନ ଲୋକ୍ ପେଲ୍‌ହା ଠେଲା
ହେଇ ହେଉଛନ୍ ଅଥା ବିଥା ।

ହେନ୍ତେଇ ଯଦି ଜାନି ପକଉଛେ
ଲୁକ୍‌କର୍ ଭବିଷ୍ୟତ୍
ଦୁଃଖ, ବେମାର୍, ସେମାର୍ ନୁ
ପାର୍‌ପାଇଯାଏତା ଇ ଜଗତ୍ ।

ଲୁକ୍‌କୁ ଠକି, ଡରରେଇ କରି
ହଏରାନ୍ କର୍‌ବାର୍ ବୁଦ୍ଧି
ଲେକ୍‌ମାନେ ଭି ସତ୍‌କରି କରି
ହଜେଇ ଦେଉଛନ୍ ବୁଦ୍ଧି ଶୁଦ୍ଧି ।

ଜନ୍‌କୁ କହେଲା ତୋର୍ ପୁଓ ଟା
ସାତ୍ ବଛ୍‌ରେ ଯିବା ମରି
ସେ କାନ୍ଦି କାନ୍ଦି ମତେ
ସବୁ ଗୁହାର୍‌ଲା ବୁପ୍‌ରି ।

ମୁଇଁ କହେଲି ଜନମ୍ ମରନ୍ ଇ
ସଂସାରେ କେହି କହି ନାଇଁ ପାରନ୍
ଜନେ ତ ଅଛେ ଜୀବନ୍ ର ମୁଖିଆ
ଦେଇଛେ ଆମ୍‌କୁ ଜୀବନ୍ ।

ମନେ ରଖି କରି ଭର୍‌ସା
ଯା ଭଜବୁ ତୁଇ ଜଗନ୍ନାଥ୍
ଟିକା ଗୋବିନ୍ଦ ବାଗିର୍ ଆଏଶ୍ ହେବା
ଆଶିର୍ବାଦ୍ ଦେବେ ଜଗନ୍ନାଥ୍ ।

ଛୁଟା କଥା କେ ବିଶ୍ୱାସ୍ କରି କରି
ନାଇଁ ହ କେହି ହଏରାନ୍
ମହାପୁରୁ ଅଛନ୍ କର୍‌ବେ ସମ୍‌କୁ
ସବୁବେଳେ ପରିତ୍ରାଣ୍ ।

ଦେଖି ଦେଖି ବଏଲା ବେଲେ
ସେ ପିଲା ବଢେ ଇନ୍‌ଜିନିୟର୍
ହସି ଖୁସି ଥି ବନାଲାନ
ବଢେ ଟେ ଘର୍ ।

**ମୁଦିପଡା, ସମ୍ବଲପୁର**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମାଲ୍ଲୀର ମହକ
CC BY-NC-SA 4.0 VOL.09 - ISSUE.11 - NOVEMBER 2025

# ଭାରି ମନେପଡ ତୁମେ

**ବିଦ୍ୟୁତ ଲତା ସାହୁ**



ତୁମ ରାମରାଜ୍ୟେ
ଅନୀତି ଅନ୍ୟାୟ କୂଳ ଲଘୁଁଛି
ଅନ୍ଧାରୀ ଶାସନ ଏଠି ଚାଲିଛି
ପଡ ପଦବୀର ମୋହରେ ଅନ୍ଧ
କାହା କଥା ଏଠି କିଏ ଶୁଣୁଛି
କେଉଁ ରାଇଜରେ ଅଛ ହେ ବାପୁ
ତୁମକଥା ଭାରି ମନେ ପଡୁଛି...

କୁଟି ଖାଅ ଆଉ କାଟି ପିନ୍ଧ
ପାଶୋରି ଯିବାରେ ନାହିଁ ଦ୍ୱନ୍ଦ
ତଳ ଠୁ ଉପର ଲୁଟି ଖାଉଛନ୍ତି
ଖୋଳ ହେଲେ ଦେଶ ନାହିଁ ଖେଦ
କେଉଁ ରାଇଜରେ ଅଛ ହେ ବାପୁ
ଥରେ ହେଲେ ଆସି ଦେଖିଯିବ...

ନିଶା ମୁକ୍ତ ହେଉ ରାଜ୍ୟ ମୋର
ମଦ ଦୋକାନ ତ ମାଳ ମାଳ
ସରକାରଙ୍କର ରାଜସ୍ୱ ବଢିବ
ଉଡ଼ିଯାଉ ପଛେ ଚୁଲି ଚାଳ
ତୁମ କଥା ସବୁ ବଦଳି ଗଲାଣି
ଦେଖି ଲାଗେ ଭାରି କଳବଳ...

ଅହିଂସାର ମନ୍ତ୍ର ଦେଇଥିଲ
ବିଦେଶୀ ମାନଙ୍କୁ ତଡି ଥିଲ
ହିଂସାର ତାଣ୍ଡବ ଛୁଟିଛି ରାଇଜେ
ଶୋଷଣ, କଷଣ  ଭରପୁର
ଦିନ ଦ୍ୱିପହରେ ଚୋରି ରାହାଜାନୀ
ଆଇନି କୁ ମାରେ ଆଖିଠାର
ସରଗ ପୁରରୁ ଦେଖିବ କି ବାପୁ
କେମିତି ଚାଲିଛି ଏ ସଂସାର...

ନିଜ ହାତେ ସର୍ବେ ଚଉଦ ପାଆ
କାହାକଥା କିଏ ମାନିବ କିଆଁ
ସରକାର ଅଛି ଶାସନ ନାହିଁ
ଘର ଅଛି ସୁଖ ଶାନ୍ତି ତ ନାହିଁ
ସମ୍ପ୍ରଦାୟ ଭାବ ବଢ଼ି ଚାଲିଛି
ସ୍ନେହ ଶ୍ରଦ୍ଧା ପ୍ରେମ ହଜି ଯାଉଛି
ସ୍ୱାର୍ଥ ପାଇଁ ଏଠି ନିତି ହରିଲୁଟ
ତୁମ ରାମ ରାଜ୍ୟ ସ୍ୱପ୍ନ ହୋଇଛି
କେଉଁ ରାଇଜରେ ଅଛ ହେ ବାପୁ
ତୁମ କଥା ଭାରି ମନେ ପଡୁଛି... ।।

**କଲ୍ୟାଣ ନଗର, ବୁଢାରଜା, ସମ୍ବଲପୁର**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
CC BY-NC-SA 4.0 VOL.09 - ISSUE.11 - NOVEMBER 2025

# ବୃଦ୍ଧ ବରଗଛ



**ତରଣୀ ଦଣ୍ଡସେନା**

ବିଚ଼ଳିତ ହୋଇ ଜଣେ ସ୍ତ୍ରୀ ଓ ଜଣେ ପୁରୁଷ ଲୁଚିଲା ପରି ଜଣା ପଡୁଥିଲେ । କିଛି କ୍ଷଣ ପରେ କେତୋଟି ମଟର ସାଇକଲ ସେଇ ରାସ୍ତାକଡରେ ଥିବା ବୃଦ୍ଧ ବରଗଛ ଦେଇ ଯାଉଥାଏ । ହାବ ଭାବ ଦେଖି ଜଣା ପଡୁଥିଲା ବରଗଛ ମୂଳରେ ଲୁଚୁଛନ୍ତି । ପ୍ରଥମତଃ ଗହଣା ଚୋରି ଉଦ୍ଦେଶ୍ୟରେ ଦ୍ୱିତୀୟତଃ ସ୍ତ୍ରୀ ବଳାତ୍କାର ଉଦ୍ଦେଶ୍ୟରେ । କିଛି ସମୟ ଅତିବାହିତ ହେବାପରେ ପୁଣି ସେଇ ମଟର ସାଇକଲ ବିପରୀତ ଦିଗରେ ଫେରିଆସିଲା । ପ୍ରକୃତରେ ଭାବନା ଟା ନିଶ୍ଚିତ ଭାବରେ ସତ୍ୟ ଜଣା ପଡୁଥିଲା ।

ପ୍ରଚଣ୍ଡ ବର୍ଷା । ଆଖ ପାଖ ବିଚ୍ଛିନ୍ନ ବେଲାଭୂମି, ସାହା ମାତ୍ର ବୃଦ୍ଧ ବରଗଛ । କିଛି ଦୂରରୁ ଶୁଭୁଥିଲା- ରାମ ନାମ୍  ସତ୍ୟ ହେ--- । ବିଚ଼ଳିତ ଉଭୟେ, ହେଲେ ନିଶ୍ଚୟେ ତାଙ୍କ ପ୍ରାଣର ଉଦ୍ବେଳନ ବଢ଼ାଉଥିଲା । ଧିରେ ଧିରେ ମେଘ ଶାନ୍ତ ହେଲା । ସୂର୍ଯ୍ୟଙ୍କ ରଶ୍ମି ହେଲା ବିଜୟ ମାନ । ସମସ୍ତେ ଭାବ ବିହ୍ୱଳ । ଚିତାରେ ଅଗ୍ନି ଜଳି ଉଠିଲା । ନିଃଶବ୍ଦ ଭଳି ସମସ୍ତେ ନିରୋଳାରେ ବୃକ୍ଷ ତଳେ ନିଃଶ୍ୱାସ ମାରିଲେ । ଅଗ୍ନି ଶାନ୍ତ ପରେ ସ୍ଥାନଟି ଶ୍ମଶାନ ପାଲଟିଗଲା ।

ବଜାର ପ୍ରାଙ୍ଗଣ ସପ୍ତାହକ ଗୋଟିଏ ଦିନ ବୃକ୍ଷ ଚର୍ତୁପାର୍ଶ୍ୱରେ ଗୋଟିଏ ପରିବାର ସଦୃଶ ଘରଟିଏ ପରି ଗଢ଼ି ଉଠିଥିଲା, ଯେଉଁଠି ଶହ ଶହ ଲୋକ ବାସ କରୁଥିଲେ । ନେତା ମାନଙ୍କ ଭୋଟ ପ୍ରଚାର ପାଇଁ ସଭା, ଜନତାଙ୍କୁ ଏକ ଗୋଷ୍ଠୀରେ ପରିଣତ କରିବାର ପ୍ରମୁଖ ଭୂମିକା ଗ୍ରହଣ କରିବାରେ ଏଇ ବୃକ୍ଷ ଇତିହାସ ରଚି ଦେଇଛି । ବାହାଘର ବରଯାତ୍ରୀଙ୍କ ଜଳଖିଆ ସ୍ଥଳଭାବେ ବେଶ୍ ପରିଚିତ ।

ଏବେ କିନ୍ତୁ ସେ ଏକାକୀ । ବହୁତ କାନ୍ଦୁଛି । ତା'ର ଅଶ୍ରୁ ଧାର ଧାର ହୋଇ ତାରି ଚ଼ର୍ତୁପାର୍ଶ୍ୱ ଶରୀରରେ ଦଉଡ଼ି ଭଳି କଠିଣ ହୋଇ ଗଲାଣି । ଚଢେଇର ତେଣା ଭଳି ପତ୍ର ଗୁଡ଼ିକ ଆଉ ପବନରେ ଫଡ଼ ଫଡ ଶବଦ କରୁନି, ବାହୁନି ବାହୁନି ତାର ଶରୀର  ଅସୁସ୍ଥ ପଡ଼ିଲାଣି । ତାର ପରିବାରର ଜନତା ତାରି ପାଖକୁ ଆସୁ ନାହାଁନ୍ତି । କାହିଁକିନା ଚାରି ପାଖରେ ପରିବାର ଚଳାଇବାର ଆଉ ଦକ୍ଷତା ନାହିଁ । ତଣ୍ଟି ଶୁଖି ଗଲାଣି । ଜଳ ଟୋପାଏ ପାଇଁ--- ଔଷଧ ପାଇଁ--- ତାର ଟିକିଏ ସେବା କରିବା ପାଇଁ କେହି ଆସୁ ନାହାନ୍ତି- କାନ୍ଦି କାନ୍ଦି ଶେଷରେ-- ସେ ଆଉ କ'ଣ କରିବ ???

**ମୁଣ୍ଡେନପାଲି, ସମ୍ବଲପୁର**
**ସମ୍ପର୍କ - ୯୯୩୭୭୬୩୪୬୨**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0.  [ visit online - https://www.banamalli.org ]*

ବଣମଲ୍ଲୀର ମହକ
CC BY-NC-SA 4.0 VOL.09 - ISSUE.11 - NOVEMBER 2025

# କାର୍ତ୍ତିକ ସ୍ନାନର ଫଳ



**ସରସ୍ୱତୀ ମେହେର**

ଗୋଟିଏ ନଗରରେ ଦୁଇ ଜଣ ଧନୀ ବୁଢ଼ାବୁଢ଼ୀ ରହୁଥିଲେ । ଧନ ସମ୍ପଦର ଅଭାବ ନଥିଲା, କିନ୍ତୁ ସନ୍ତାନ ସନ୍ତତି ନଥିଲେ ସେଥିପାଇଁ ଦମ୍ପତିଙ୍କ ମନ ଭରି ଦୁଃଖ ଥିଲା । ପୂଜା, ଦାନ, ଅତିଥି ସତ୍କାର କରି ଦିନ କାଟୁଥିଲେ । ସାଧୁ, ମହାତ୍ମାଙ୍କୁ ଦେଖିଲେ ଖୁସିରେ ଆତିଥ୍ୟ ଗ୍ରହଣ କରିବା ପାଇଁ ଅନୁରୋଧ କରୁଥିଲେ ।

ଏମିତି ଚାଲିଥାଏ କାର୍ତ୍ତିକ ମାସ ଆରମ୍ଭ ହେଲା । ଦୁଇ ଜଣ ଗଙ୍ଗାସ୍ନାନ କରିବା ପାଇଁ ମନ ସ୍ଥିର କଲେ । ସାତ କୋଶ ବାଟ ଅଛି ପୁଣି ପାଦରେ ଚାଲି ଚାଲି ଯିବାକୁ ପଡିବ । ଯାହା ବି ହଉ ସ୍ନାନ କରିବା.. ଏମିତି ଭାବି ସେ ଗଙ୍ଗା ସ୍ନାନ କରିବା ଆରମ୍ଭ କଲେ । ଗୋଟିଏ ଦିନ ସ୍ନାନରୁ ଫେରିବା ପରେ ବୁଢ଼ା ଟି ବିଶ୍ରାମ କଲା । ବୁଢ଼ୀ ଘର କାମ କରି ରୋଷେଇ କଲା । ସେ ମଧ୍ୟ ହାଲିଆ ହୋଇ ଯାଇଥିଲା ବାଟ ଚାଲିଚାଲି । କହିଲା ଆମର ଯଦି ଗୋଟିଏ ବୋହୂ ଥାଆନ୍ତା ସେ ସବୁ କାମ କରି ଦିଅନ୍ତା । ଗଙ୍ଗା ସ୍ନାନରୁ ଫେରି ଖାଇ ପିଇ ବିଶ୍ରାମ ନିଅନ୍ତି । ବୁଢ଼ା କହିଲା କଥା ତ ଠିକ୍ କହୁଛୁ । ମୁଁ ତୋ ପାଇଁ ବୋହୂ ନେଇ କି ଆସିବି । ତୁ କିଛି ଚାଉଳ ଆଉ ସୁନା ମୋହର ଦେଇ ପୁଟୁଳି ବାନ୍ଧି ଦେ । ବୁଢ଼ୀ ଖୁସିରେ ପୁଟୁଳି ବାନ୍ଧି ଧରେଇ ଦେଲା ।

ବୁଢ଼ା ଚାଲିଲା ବୋହୂ ଅନ୍ୱେଷଣରେ ଭାବିଲା ବୋହୂ କେମିତି ଆଣିବି ମୋର୍ ତେ ପୁଅ ନାହାଁନ୍ତି । ସବୁ ସେ ପ୍ରଭୁଙ୍କ ଇଚ୍ଛା ବୋଲି ଚାଲିଥାଏ । କେତୋଟି ଗ୍ରାମ ପାରି ହେଲା ପରେ ଦେଖିଲା ଝିଅ ମାନେ ଖେଳୁଛନ୍ତି । ଗୋଟିଏ ଝିଅ କହିଲା, ମତେ ଆଉ ମୋ ଘର ଭଲ ଲାଗୁନି ମତେ ଗୋଟିଏ କୋଠାଘର ଦରକାର । ବୁଢ଼ା ଏ କଥା ଶୁଣି ଖୁସି ହୋଇଗଲା । ଇଏ ମୋ ବୋହୂ ହେବ ବୋଲି ସେ ଝିଅର ପଛେ ପଛେ ଗଲା । ଝିଅ କହିଲା ବାବା ତୁମ ମୋ ପଛେ ପଛେ କାହିଁକି ଆସୁଛ । ବୁଢ଼ା କହିଲା, ତୋ ମା କୁ ଯାଇ କହ ସେ ମତେ ଖାଇବାକୁ ଦେବେ କି ତୁମ ଘରେ । ଝିଅ ଯାଇ ମା କୁ କହିଲା । ମା କହିଲେ ହଉ ତୁ ସେ ବାବା ଅତିଥିଙ୍କୁ ଘରକୁ ନେଇଆ । ଝିଅଟି ଆସି କହିଲା ମୋ ମାଆ ତୁମ ଖାଇବା ବ୍ୟବସ୍ଥା କରିବେ । ଆମ ଘରକୁ ଯିବା । ବୁଢ଼ା କହିଲା କାର୍ତ୍ତିକ ମାସ ଚାଲିଛି ମୁଁ କାହାର ଦ୍ରବ୍ୟ ଖାଇବି ନାହିଁ । ମୋର ଏ ପୁଟୁଳି ନେଇ ସେଥିରୁ ଖିଚିଡି ବନେଇ ଦେବୁ । ଝିଅ ନେଇ କି ମାଆ କୁ ପୁଟୁଳି ଦେଲା । ମା ଖୋଲି ଦେଖିଲା ଚାଉଳ ଆଉ କିଛି ସୁନା ମୋହର ଅଛି । ଝିଅକୁ କହିଲା ଏ ବୁଢ଼ା ଲୋକଟି ଧନୀ ଅଟେ । ତୋ ଭାଗ୍ୟ ଖୋଲି ଗଲା

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ଲୋ ମା । ତା'ପରେ ଖାଇବା ସରିଲା ବୁଢ଼ା କହିଲା ତୁମ ଝିଅ କୁ ମୁଁ ବୋହୂ କରିବି ବୋଲି ଭାବୁଛି । ପରିବାରର ସମସ୍ତେ ସମ୍ମତି ଜଣାଇଲେ । ବୁଢ଼ା କହିଲା ମୋ ପୁଅ ବିଦେଶରେ ପାଠ ପଢୁଛି ଫେରିବାକୁ ବହୁତ୍ ବର୍ଷ ଲାଗିବ । ଆମର ବୟସ ହେଇ ଗଲାଣି, ଘର କାମ କରିବାକୁ ଆଉ ବଳ ନାହିଁ ତେଣୁ ତୁମେ ଯଦି ରୀତିନୀତିରେ ବିହାହ କରି ମତେ ମୋ ବୋହୂ କୁ ସାଥିରେ ଯିବାକୁ ଦେଲେ ଭଲ ହୁଅନ୍ତା । ଝିଅର ପରିବାର ରାଜି ହେଲେ ।

ବିବାହ ସରିଲା ପରେ ବୋହୂକୁ ନେଇ ବୁଢ଼ା ଘରକୁ ଫେରିଲା । ବୁଢ଼ୀ ବହୁତ୍ ଖୁସି ହୋଇଗଲା । ବୁଢ଼ୀ କହିଲା ମା ଲୋ ଆମେ କାଲି ଗଙ୍ଗା ସ୍ନାନ କରିବାକୁ ଯିବୁ ତୁ ଘର କାମ କରିବୁ । ବୋହୂ କହିଲା, ହଁ ମାଆ ତୁମେ ନିଶ୍ଚିନ୍ତରେ ଯାଅ । ସ୍ନାନ ପରେ ଘରକୁ ଫେରିଲେ ବୋହୂ ପାଦ ଛୁଇଁ ଆଶୀର୍ବାଦ ନେଲା । ଖାଇବାକୁ ଦେଲା ପାଦ ଘଷିଦେଲା । ବୁଢ଼ା ବୁଢ଼ୀ ବୋହୂ ଉପରେ ଭାରି ଖୁସି ।

ଏମିତି କିଛି ଦିନ ବିତିଗଲା । ଦିନେ ଗଙ୍ଗା ସ୍ନାନ କରିବାକୁ ବୁଢ଼ାବୁଢ଼ୀ ଯାଇଛନ୍ତି ଏହି ସମୟରେ ଜଣେ ପଡୋଶୀର ଯୁବତୀ ଜଣେ ବୁଢ଼ାର ବୋହୂକୁ ଦେଖିଲା, ପାଖକୁ ଆସି ପଚାରିଲା ତୁମେ କିଏ । ବୋହୂ କହିଲା, ମୁଁ ତାଙ୍କ ବୋହୂ । ପଡୋଶୀ କହିଲା ତାଙ୍କର ତ ପୁଅ ଝିଅ ନାହିଁ ତତେ ବୋହୂ କଲେ କେମିତି । ବୋହୂକୁ ଭାରି କଷ୍ଟ ହେଲା । ଗଙ୍ଗା ସ୍ନାନରୁ ଫେରିଲେ, ପ୍ରଣାମ କଲା ନାହିଁ, ଅଲଣା ଡାଲି, ପୋଡ଼ା ରୁଟି ଖାଇବାକୁ ଦେଲା । ବୁଢ଼ା ବୁଢ଼ୀ ବୋହୂର କାର୍ଯ୍ୟକୁ ଦେଖି କଣ ହେଇଛି ବୋଲି ପଚାରିଲେ । ବୋହୂ କହିଲା, ତୁମେ ମୋ ସହିତ ଛଳନା କରିଛ, ମୋତେ ଧୋକା ଦେଇଛ, ତୁମର ପୁଅ ନାହିଁ । ବୁଢ଼ା କହିଲା ଅଛି ଲୋ, ସେ ପରା ପଢିବାକୁ ଯାଇଛି । ବୋହୂ ଟି ଚୁପ୍ ରହିଲା ।

ତା ପରଦିନ ପଡୋଶୀ ପୁଣି ଆସିଲା କହିଲା ବୁଢ଼ୀର ସାତଟି ଘର ଅଛି କେବେ ଖୋଲିନି । ତୁ ଚାବି ମାଗି କି ଦେଖିବୁ । ପରଦିନ ଗଙ୍ଗା ସ୍ନାନରୁ ଫେରିଲେ ପରେ ଖାଇବାକୁ ଦେଇ ଚାବି ମାଗିଲା ବୁଢ଼ୀ ଖୁସି ହୋଇ ଚାବି ଦେଇ କହିଲା, ଏବେ ତୁ ଏ ଘର ସମ୍ଭାଳିବୁ ଲୋ ମା । ବୁଢ଼ାବୁଢ଼ୀ ଗଙ୍ଗାସ୍ନାନକୁ ବାହାରିଲେ । ବୋହୂ ଯାଇ ଘର ଗୁଡ଼ିକୁ ଖୋଲିଲା ଦେଖିଲା ଧାନ, ଚାଉଳ, ମୁଗ, ବିରି ଭର୍ତ୍ତି ହେଇଛି, ଟଙ୍କା ପଇସା, ସୁନା, ରୂପା, ହୀରାରେ ଝଲସି ଉଠୁଛି ଘର । ବାକି ରହିଲା ସପ୍ତମ ଗୃହ, ତାଲା ଖୋଲି ଦେଖିଲା, ବାଉନ କୋଟି ଦେବା ଦେବୀଙ୍କ ଫଟୋ ଅଛି ଏବଂ ଗୋଟିଏ କିଶୋର ମାଳା ଧରି ଜପୁଛି । ପାଖକୁ ଯାଇ ପଚାରିଲା ତୁମେ

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

କିଏ । ପୁଅଟି କହିଲା ମୋ ସ୍ତ୍ରୀ ହୋଇ ମତେ ପଚାରୁଛି । ଝିଅଟି ଭାରି ଖୁସି ହେଇ ଗଲା । ପଡୋଶୀ ମୋ ଘରେ କଳି ଲଗେଇବାକୁ ଆସିଥିଲା ବୋଲି ମନେ ମନେ ଭାବିଲା । ବୁଢ଼ାବୁଢ଼ୀ ଆସିଲେ ପୁଅ ପ୍ରଣାମ କଲା, ମୁଁ ଫେରି ଆସିଛି ମା ବାପା ବୋଲି କହିଲା । ବୁଢ଼ା ବୁଢ଼ୀ ଭାରି ଖୁସି, ଗାଁ ରେ ଚହଳ ପଡ଼ିଗଲା । ଲୋକେ କହିଲେ ବୁଢ଼ା ବୁଢ଼ୀର ତ ସନ୍ତାନ ନଥିଲେ ପୁଣି ଇଏ ଆସିଲା କୋଉଠୁ । ଏହା ଭାବି ସେମାନେ ପରୀକ୍ଷା କଲେ । ବୁଢ଼ାବୁଢ଼ୀ ସ୍ନାନରେ ଗଲା ପରେ ପୁଅକୁ ନଦୀ କୂଳକୁ ଡାକି ନେଲେ । ସମସ୍ତେ କହିଲେ ତୁ ଯଦି ବୁଢ଼ୀର ପୁଅ ହେଇଥିବୁ, ବୁଢ଼ୀ ର ସ୍ତନରୁ କ୍ଷୀର ଝରି ତୋ ପାଟିରେ ପଡ଼ିବ ସେଇୟା ହେଲା । ସମସ୍ତେ ସତ୍ୟ ବୋଲି ଭାବିଲେ, ଆଉ କିଏ କିଛି କହିଲେ ନାହିଁ । ବୁଢ଼ାବୁଢ଼ୀ ପୁଅ ବୋହୁଙ୍କ ସାଥିରେ ଖୁସିରେ ରହିଲେ ।

**ସିନାପାଲି, ନୂଆପଡ଼ା**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
CC BY-NC-SA 4.0 VOL.09 - ISSUE.11 - NOVEMBER 2025

# ଲୋଭୀ କେଉଟ

**ଅଭୟ କୁଣ୍ଡ**



ବଣ ପାହାଡ ଘେରା ଗାଁ' ଟିଏ । ଗାଁ'ରେ ବାସ କରୁଥିଲେ ଅନେକ କେଉଟ ପରିବାର । ସେହି ଗାଁ' ଟି ନଦୀ କୂଳରେ ଥିଲା । ଗାଁ'ର କେଉଟମାନେ ପ୍ରତିଦିନ ନଦୀରୁ ମାଛ ଧରି ପାଖ ବଜାରରେ ବିକି ନିଜ ପରିବାର ଚଳାଉଥିଲେ । ସେମାନଙ୍କ ଭିତରେ ଥିଲା ଘନ ଅଜା । ଭାରି ଲୋଭୀ । ପ୍ରତିଦିନ ନଦୀରୁ ମାଛ ଧରେ ଓ ପାଖ ଛକରେ ବିକି ଘରର ଗୁଜୁରାଣ ମେଣ୍ଟାଏ । କେଉଁଦିନ ମେଞ୍ଚେ ରୋଜଗାର କରେ ତ ଆଉ କେଉଁଦିନ କେଞ୍ଚେ କରେ । କିନ୍ତୁ ସେ ସବୁବେଳେ ତା'ର ପଡୋଶୀମାନଙ୍କ ରୋଜଗାରରେ ନଜର ରଖେ । କିଏ ଯଦି ତା' ଠାରୁ ଅଧିକ ରୋଜଗାର କରେ ତେବେ ସେ ସେଦିନ କିଛି ନ ଖାଇ ନ ପିଇ ଉପବାସ ରହେ । କିଏ ଯଦି ଖୁସିରେ ରହେ ତେବେ ତାକୁ ସେ ସେହି ପାରେନାହିଁ । ବୟସ ସିନା ଷାଠିଏ ଡେଇଁଲାଣି କିନ୍ତୁ ଲୋଭ ଜମା ବି କମିନାହିଁ ।

ଦିନେ ଘନ ଅଜା ସକାଳୁ ସକାଳୁ ମାଛ ଧରିବା ପାଇଁ ନଦୀକୁ ବାହାରିଗଲା । ସେଦିନ ପ୍ରବଳ ବର୍ଷା ହେବାରୁ ମାଛ ମାନେ ତାଙ୍କ ଘର ଭିତରୁ ବାହାରକୁ ବାହାରିଲେ ନାହିଁ । ଘନ ବ୍ୟସ୍ତ ବିବ୍ରତ ହୋଇ ତା'ର ଜାଲଟିକୁ ନଦୀକୁ ଫିଙ୍ଗିଲା ମାତ୍ରେ ଜାଲରେ ଗୋଟିଏ ବଡ ସୁନା ମାଛ ପଡ଼ିଲା । ମାଛଟିକୁ ବାହାରକୁ ଆଣି ତା'କୁ ଧରିବା ମାତ୍ରେ ମାଛଟି ଚିତ୍କାର କରି କହିଲା - ହେ କେଉଟ ଭାଇ ମତେ ଛାଡ଼ିଦେ । ମୋ ଜୀବନ ଦାନ ଦେଲେ ମୁଁ ତୋର ମନସ୍କାମନା ପୂରଣ କରିବି । ଘନ ଅଜା ଚିନ୍ତାକରି କହିଲା, ମୁଁ ତତେ ନେଇ ବଜାରରେ ବିକିଲେ ମତେ କିଛି ଅର୍ଥ ମିଳିବ ମୁଁ ଧନୀ ହେଇଯିବି ମାତ୍ର ତତେ ଛାଡ଼ିଦେଲେ ମତେ କଣ ମିଳିବ ଆଉ ମୁଁ ଯେଉଁ ଗରିବକୁ ସେହି ଗରିବ ହେଇ ରହିଯିବି । ସେହି ସୁନା ମାଛଟି କହିଲା, ହେ କେଉଟ ଭାଇ ମତେ ଛାଡ଼ିଦେ । ତୁ ମତେ ଯାହା ମାଗିବୁ ତତେ ସବୁ ଦେବି ମାତ୍ର ତୁ ମୋର ଜୀବନ ରକ୍ଷାକର ।

କେଉଟଟି ମାଛର ପ୍ରସ୍ତାବରେ ରାଜି ହେଲା । ପ୍ରଥମେ କେଉଟ ଭାଇ ଘର ଦ୍ୱାର ସୁନା ରୁପା ହୀରା ଲୀଳା ସବୁ କିଛି ନିଜ ପାଇଁ ମାଗିଦେଲା । ମାଛଟି ତା'ର ଶକ୍ତି ବଳରେ ସବୁ କିଛି କେଉଟକୁ ପ୍ରଦାନ କଲା । ମାତ୍ର ସର୍ତ୍ତ ଅନୁସାରେ କେଉଟଟି ମାଛକୁ ନ ଛାଡ଼ି ତାକୁ ବନ୍ଦୀ କରି ତା'ର ଘରେ ରଖିଲା ।

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ଅଭାବର ସୀମା ନାହିଁ । ଲୋଭ ଏକ ବୈତରଣୀ ନଦୀ । ବଢିବା ତା'ର ଧର୍ମ । କେଉଟର ଯେତେବେଳେ ଯାହା ଇଚ୍ଛା ମାଗି ଚାଲିଲା । ମାଛ ଉପାୟ ଶୂନ୍ୟ ହୋଇ ଇଚ୍ଛା ପୂରଣ କରେ । ଶେଷରେ ମାଛ ଅତିଷ୍ଠ ହୋଇଗଲା ଓ ଲୋଭୀ କେଉଟକୁ ଉଚିତ୍ ଦଣ୍ଡ ଦେବାକୁ ସ୍ଥିର କଲା । ନଦୀ ମଝିରେ ଏକ ଟାପୁ ଥିଲା । ଲୋକେ ତାକୁ ସୁନା କୁଦ ବୋଲି କୁହନ୍ତି । ଅତୀତରେ ଲୋକେ ଟାପୁ ନିକଟ ନଦୀ ବାଲିରୁ ସୁନା ପାଉଥିଲେ । ସୁନା ମାଛ କେଉଟକୁ ସୁନା ଲୋଭରେ ବୁଡ଼େଇ ମାରିବା ଉପାୟ ପାଞ୍ଚିଲା ।

ସେଦିନ ଲୋଭୀ କେଉଟ ସୁନା ମାଛ ପାଖକୁ ଆସି କହିଲା ମୁଁ ଆଉ ଅଳ୍ପ ଅଳ୍ପ ଧନ ମାଗିବାକୁ ଚାହୁଁନି । ସୁନା ମାଛ କହିଲା, ତା ହେଲେ ଏକା ଥରକେ ଯାହା ମାଗିବାର ଅଛି ମାଗ୍ । କେଉଟ ବୁଢ଼ା କହିଲା, ତୋ ଭଳି ଆଉ ଗୋଟିଏ ସୁନା ମାଛ ମୋର ଦରକାର । ତୋ ସାଙ୍ଗସାଥୀଙ୍କୁ ଡାକ୍ । ମୁଁ ତାଙ୍କୁ ରଖିବି ଆଉ ତତେ ଛାଡ଼ିଦେବି । ମାଛ କେଉଟ ବୁଢାକୁ ସେହି ଟାପୁ ବିଷୟରେ ଜଣାଇଲା ଓ କହିଲା, ମତେ ସେ ଟାପୁ ପାଖକୁ ନେ । ମୁଁ ସେଠାରେ ଗୋଟିଏ ସ୍ଥାନ ଦେଖାଇ ଦେବି ତୁ ଆଉ ଗୋଟିଏ ସୁନା ମାଛ ଧରି ଆଣିବୁ । ସିଏ ମୋ ଠାରୁ ଅଧିକ ଦାନ ଦେବ ।

ଏହା ଶୁଣି ବୁଢ଼ା କେଉଟ ମାଛକୁ ନେଇ ସେଠାକୁ ଗଲା । ମାଛ ଏକ ପଥର ଗର୍ତ୍ତ ଦେଖାଇ କହିଲା ଏହା ଭିତରେ ଆମ ଘର । ତୁମେ ପାଣିରେ ବୁଡି ହାତ ପୁରାଇ ସେହି ମାଛକୁ ଧରି ଆଣ । ବୁଢ଼ା ଲୋଭରେ ଅନ୍ଧ ହୋଇ ପାଣିରେ ବୁଡି ଗାତରେ ହାତ ଗଳାଇ ଏକ ମାଛ ପରି ଜୀବକୁ ଧରି ଟାଣିଲା ମାତ୍ର ମାଛକୁ ଧରିଥିବାରୁ ସେ ଗର୍ତ୍ତରୁ ହାତ ବାହାରିଲା ନାହିଁ । ପାଣି ଭିତରେ ଶ୍ୱାସରୁଦ୍ଧ ହୋଇ କିଛି ସମୟ ମଧ୍ୟରେ ବୁଢା କେଉଟ ମୃତ୍ୟୁ ବରଣ କଲା । କଥାରେ ଅଛି ଅତି ଲୋଭରୁ ମୃତ୍ୟୁ ।

**ସହକାରୀ ଶିକ୍ଷକ, ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ**
**ପଡ଼ିଆଭଙ୍ଗା, ତାଳଚେର, ଅନୁଗୋଳ**
**ସମ୍ପର୍କ - ୯୫୫୬୯୮୯୭୨୩**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବନମାଲ୍ଲୀର ମହକ
CC BY-NC-SA 4.0 VOL.09 - ISSUE.11 - NOVEMBER 2025

# ଆତ୍ମିୟତାର ଆଂଶି (ଭାଗ-୩)



**ଆର୍ତ୍ତତ୍ରାଣ ଖୁର୍ଦିଆ**

ପ୍ରକୃତିର ମନୋରମ ଦୃଶ୍ୟ, ସୁନ୍ଦର, ସବୁଜିମା, ବଣ, ପାହାଡ ଘେରା ଓ ଚତୁଃପାର୍ଶ୍ୱରେ ନଦୀ, ନାଳ ତଥା ଜଳାଶୟ ପରିପୂର୍ଣ୍ଣ ଏକ ନିପଟ ମଫସଲ ଗାଁ ମଧୁପୁର । ସତରେ ଗାଁ'ର ନାଁ ଯେମିତି ଲୋକମାନେ ମଧ୍ୟ ସେପରି ସରଳ, ନିଷ୍କପଟ ଓ ମଧୁମୟ । ଚାଷ ସମୟରେ ଗ୍ରାମର ପ୍ରକୃତି, ପରିବେଶ ପୃଥିବୀରାଣୀକୁ ସବୁଜ ମଣ୍ଡିତ କରିବା ସହିତ ନଭଶ୍ଚୁମ୍ବୀ କାଶତଣ୍ଡୀ ଫୁଲର ଶୁଭ୍ର ଓ ସ୍ୱଚ୍ଛତା ଯୌବନର ରୋମାଞ୍ଚକତା ସୃଷ୍ଟି କରେ ।

ଗ୍ରାମର ଜମିଦାର ବଦାନ୍ୟ ଏବଂ ପରୋପକାରୀ ଭାବେ ବେଶ ଜଣାଶୁଣା ଓ ଆଖପାଖ ଅଞ୍ଚଳରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି । ତିନି ପୁଅ ଓ ଦୁଇ ଝିଅକୁ ନେଇ ତାଙ୍କ ସଂସାର । କିନ୍ତୁ ବଡ ପୁଅ ମଧୁର ବିବାହ କରିବା ବୟସ ହୋଇ ଯାଇଥାଏ । ମଧୁପୁରକୁ ଲାଗି ଆଉ ଗୋଟିଏ ଗାଁ ଭାନୁପୁର ଏବଂ ସେହି ଗ୍ରାମରେ ବାପା, ମା ଛେଉଣ୍ଡ ସାତ ଭାଇରେ ଗୋଟିଏ ସୁନାନାକୀ ଭଉଣୀ ଭାନୁ ର ସହାବସ୍ଥାନ ହୁଏ । ଭାନୁ ଦେଖିବାକୁ ଯେମିତି ସ୍ୱର୍ଗର ଅପସରୀଟିଏ ସେମିତି ସୁନ୍ଦରୀ, ବୁଦ୍ଧିମତୀ ଆଉ ଗୁଣୀ ଏବଂ ବ୍ୟବହାର, ଶାଳୀନତା, ସଂସ୍କାରର ଏକ ମୂର୍ତ୍ତିମନ୍ତ ପ୍ରତୀକଟିଏ । ଯୌବନର ଉଦ୍ଦାମତା ପ୍ରତ୍ୟେକ ବ୍ୟକ୍ତିକୁ ଉଦ୍ଧତ ହେବାକୁ ପ୍ରେରଣା ଯୋଗାଏ । ଫଳସ୍ୱରୂପ ମଧୁ ଓ ଭାନୁ ମଧ୍ୟ ଏ ଉଦ୍ଦାମତାର ଶିକାର ହୁଅନ୍ତି । କିଛି ଦିନ ଚୋରା ପୀରତି ଲୁଚ୍ଛା ଛପା ହେଲା ପରେ ପୁଷ୍ପର ବାସ୍ନା ଯେମିତି ଚଉଦିଗକୁ ମହକି ଉଠେ, ଠିକ ସେଭଳି ଏ ଦୁହିଁଙ୍କ ପ୍ରେମର ମହକ ଗ୍ରାମର କୋଣ ଅନୁକୋଣରେ ମହକିବାକୁ ଲାଗିଲା, କିନ୍ତୁ ଉଭୟ ଗୋଟିଏ ଜାତିର ଥିବାରୁ ସେତିକି ଚର୍ଚ୍ଚା ହୋଇନଥିଲା ।

ଭାନୁକୁ ବହୁ ପ୍ରସ୍ତାବ ଆସୁଥିଲେ ମଧ୍ୟ ତାଙ୍କ ଭାଇମାନେ ସରକାରୀ ଚାକିରିଆ ପାତ୍ର ଖୋଜୁଥିବା କାରଣରୁ ମଧୁର ପ୍ରସ୍ତାବ ସହ ଅନ୍ୟ ପ୍ରସ୍ତାବ ମଧ୍ୟ ଝୁଲି ରହିଲା, କିନ୍ତୁ ପରିଶେଷରେ ଉଭୟ ପରିବାରର ସହମତିରେ ମଧୁ ଓ ଭାନୁର ପ୍ରେମର ନୀଡଟି ସାମାଜିକ ସ୍ୱୀକୃତି ଲାଭକଲା । ଦେଖୁ ଦେଖୁ ବିବାହର ପ୍ରଥମ ବର୍ଷ ହସ ଖୁସିରେ ବିତିଗଲା । କିନ୍ତୁ ପାଖାପାଖି ଦେଢ ବର୍ଷ ପରେ ଭାନୁ ଜୀବନରେ କିଛି ପରିବର୍ତ୍ତନ ତଥା କେହି କଳାଯାଦୁର ତନ୍ତ୍ର ମନ୍ତ୍ର କରି ଜୀବନକୁ ବ୍ୟତିବ୍ୟସ୍ତ କରିଦେଲା । ଯେମିତି ହଠାତ୍ ଭାନୁ ଶରୀରରେ ଦେବୀ ଖେଳିବା, ଶାଢୀ କାନି ଓ ଶୟନ କକ୍ଷରେ ଶୂନ୍ୟରୁ ନିଆଁ ଲାଗିବା ଏମିତି ଅନେକ ଦୁର୍ଘଟଣା ପରିବାର

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ସମେତ ପାଖ ପଡୋଶୀଙ୍କ ମନରେ ମଧ୍ୟ ଆତଙ୍କ ସୃଷ୍ଟି କଲା । ଜଣେ ନବ ବିବାହିତା ସୁନ୍ଦରୀ ତରୁଣୀଙ୍କୁ ଏମିତି ତନ୍ତ୍ର ମନ୍ତ୍ର କରି କିଏ ହଇରାଣ କରୁଥିବା ଖବର ଗ୍ରାମରେ ପ୍ରଚାରିତ ହେବାରୁ ସମସ୍ତେ ପରିବାର ଲୋକଙ୍କୁ ଶାନ୍ତ୍ୱନା ଦେବା ସହ ଘଟଣାକୁ ନିନ୍ଦା କଲେ । ମଧୁଓ ଭାନୁର ଦାମ୍ପତ୍ୟ ଜୀବନକୁ ମଧ୍ୟ ଶାରୀରିକ, ମାନସିକ ଯନ୍ତ୍ରଣା ଗ୍ରାସ କଲା । ଗୁଣୀ ଗାରେଡି ସହ ବିଭିନ୍ନ ଶୈବାଳୟ, ମଠାଧୀଶ ଆଦି ସ୍ଥାନକୁ ପରିଭ୍ରମଣ କରି ଶେଷରେ ଚାରିବର୍ଷ ପରେ କଳା ଯାଦୁ ତନ୍ତ୍ରର ସମାଧାନ ହେଲା ।

ଭାନୁର ନିଜ ମାଇଁ ତାଙ୍କ ପୁଅ ପାଇଁ ଭାନୁକୁ ବୋହୁ କରିବାର ପ୍ରସ୍ତାବ ତାଙ୍କ ଭାଇମାନେ ଅଗ୍ରାହ୍ୟ କରିବାରୁ ତାଙ୍କ ମାଇଁ ଏଭଳି କାଣ୍ଡ ଭିଆଇଥିବା ଜଣା ପଡିଲା । କିନ୍ତୁ ଭାନୁକୁ ସଂପୂର୍ଣ୍ଣ ସୁସ୍ଥ ହେବା ପାଇଁ ପାଞ୍ଚ ବର୍ଷ ସମୟ ଲାଗିଗଲା । ଠିକ୍ ସୁସ୍ଥ ହେବାର ଏକବର୍ଷ ପରେ ତାଙ୍କ ଶାଶୁଙ୍କର ପକ୍ଷାଘାତ ରୋଗ ହେବାରୁ ପୁଣି ପାରିବାରିକ ଅଶାନ୍ତି ସୃଷ୍ଟି ହେଲା । ମାନସିକ ଅଶାନ୍ତି କାରଣରୁ ତାଙ୍କ ଶାଶୁ ମାତୃତ୍ୱ ତଥା ସନ୍ତାନ ଜନ୍ମ ଅକ୍ଷମତାକୁ ନେଇ ଭାନୁକୁ ବହୁ କଟୁ ଭର୍ତ୍ସନା କଲେ । ମଧୁ ଆଉ ଭାନୁ ମା'ଙ୍କ ଅତ୍ୟାଚାର ସହି ନ ପାରି ନିକଟସ୍ଥ ସହରରେ ଯାଇ ଭଡାଘର ନେଇ ରହିବାକୁ ବାଧ୍ୟ ହେଲେ । ଏପଟେ ପକ୍ଷାଘାତ ରୋଗୀଣା ମା ଏବଂ ସେପଟେ ମା ଦ୍ୱାରା ନିର୍ଯ୍ୟାତିତ ଅର୍ଦ୍ଧାଙ୍ଗିନୀ ବିଚରା ମଧୁ କାହା ପକ୍ଷରେ ହେବ- ନିଜ ରକ୍ତ ମାଂସ ଦେଇ ଗଢିଥିବା ମା ପକ୍ଷ ନା ନିଜ ରକ୍ତ ସଂପର୍କକୁ ତୁଚ୍ଛ କରି ଆସିଥିବା ଭାନୁ ରୂପକ ଅର୍ଦ୍ଧାଙ୍ଗିନୀ ଅମ୍ବାର ପକ୍ଷ । ପଙ୍କ ବିନା ପଦ୍ମ ଫୁଟେନା, ହେଲେ ସୂର୍ଯ୍ୟ ଆଡକୁ ମୁହାଁଇ ଥିବା ପଦ୍ମକୁ ଯଦି ପଙ୍କ ବିରୋଧ କରେ ତେବେ କେତେ କାଳ ବଞ୍ଚିପାରେ ପଦ୍ମ । ନା ସେ ସୂର୍ଯ୍ୟର ଆଲୋକ ପାଇପାରେ ନା ସେ ପଙ୍କର ଅତ୍ୟାଚାର ସହିପାରେ । ଠିକ୍ ସେ ଭଳି ପୁରୁଷ ଏମିତି ଗୋଟିଏ ଚରିତ୍ର । ସେ ଯାହା ହେଉ କିଛି ସମ୍ପର୍କୀୟଙ୍କ ମଧ୍ୟସ୍ଥତାରେ ସମସ୍ୟାର ସମାଧାନ ହେଲା । ମଧୁ ଓ ଭାନୁ ଘରକୁ ଫେରି ଆସିଲେ ।

କିଛିଦିନ ପରେ ଭାନୁ ଗର୍ଭବତୀ ହେବାରୁ ଶାଶୁ ବୋହୁଙ୍କ ତିକ୍ତତାରେ ଅନ୍ତ ହେଲା । ପାଖରେ ମେଡିକାଲ୍ ନ ଥିବାରୁ ବଲାଙ୍ଗିର ମେଡିକାଲକୁ ଚେକ୍ ଅପ୍ ପାଇଁ ଯିବାକୁ ପଡେ । କିନ୍ତୁ ମଧୁ ଓ ଭାନୁ କେଉଁ ପ୍ରାଇଭେଟ କ୍ଲିନିକରେ ଭଲ ଚିକିତ୍ସା ହେଉଛି ଜାଣି ନଥିବାରୁ ପ୍ରଥମ ଥର ସରକାରୀ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଯାଇଥିଲେ । ବିଧିର ବିଡମ୍ବନା ନା ଆଉ କିଛି, ଠିକ୍ ସେହିଦିନ ଆଂଶି ମଧ୍ୟ ଶାରୀରିକ ଅସୁସ୍ଥତା କାରଣରୁ ଚିକିତ୍ସା ପାଇଁ ଯାଇଥିଲେ, ସଂଯୋଗବଶତଃ ଅପେକ୍ଷା କକ୍ଷରେ ଭାନୁ ଓ ଆଂଶି ପାଖାପାଖି ବସିଥିଲେ । ଆଂଶି ଆଭିଜାତ୍ୟସମ୍ପନ୍ନ, ଉଚ୍ଚଶିକ୍ଷିତା ହେଲେ ହେଁ ପୁଷ୍ପ ପରି କୋମଳ ହୃଦୟା ଓ ବନ୍ଧୁବତ୍ସଳା

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ତେଣୁ ଭାନୁ ସହିତ ମିଶିଯିବା ପାଇଁ ତାଙ୍କୁ ଗୋଟିଏ କ୍ଷଣ ବି ଲାଗିଲା ନାହିଁ । କଥାବାର୍ତ୍ତା ଢଙ୍ଗରେ ଆଂଶି ଭାନୁଙ୍କୁ ନାଁ ଗାଁ ପଚାରି ନାରୀ ସମସ୍ୟାଗତ ବିଷୟରେ ଖୋଲାଖୋଲି କଥାହେବା ସହ ଗର୍ଭଧାରଣ ସମୟରେ କଣ କରିବା ନ କରିବା ଉଚିତ ଆନାୟାସରେ ବୁଝାଇବା ସହ ଆତ୍ମିୟତା ଢଙ୍ଗରେ ତାଗିଦ ମଧ୍ଯ କଲେ । ଠିକ ଏତିକି ବେଳେ ଭାନୁଙ୍କ ନମ୍ବର ଆସିଯିବାରୁ ସେ ଡାକ୍ତରଙ୍କୁ ଦେଖାଇବାକୁ ଗଲେ । ପରାମର୍ଶ ନେଇ ଫେରିଲା ବେଳେ ମେଡମ୍ ଆସୁଛୁ ବୋଲି କହିବାରୁ ଆତ୍ମିୟତାର ତାଗିଦ ଢଙ୍ଗରେ ନିଜ ଯତ୍ନ ନେବାକୁ ହସିକି ଅନୁରୋଧ କଲେ ଆଂଶି ।

ପରବର୍ତ୍ତୀ ଥର ଚେକଅପ ସମୟରେ ଆଂଶି ମେଡମଙ୍କ ପରାମର୍ଶାନୁସାରେ ଡା. ପୁଷ୍ପାଞ୍ଜଳି ମିଶ୍ରଙ୍କୁ ଦେଖାଇ ଫେରୁଥିବା ବେଳେ ସଂଯୋଗବଶତଃ ଆଂଶି ମେଡମଙ୍କ ସହ ତାଙ୍କଦେଖାସାକ୍ଷାତ ହେଲା । ଆତ୍ମିୟତାର ପ୍ରୀତି ଭରା ସ୍ୱରରେ ପୁଣି ଥରେ ତାଗିଦ୍ କରି ନିଜ ଯତ୍ନ ନେବାକୁ କହିବା ସହ ଭାନୁଙ୍କ ଗାଡି ନିକଟକୁ ଆସି ଛାଡି ଦେଇଗଲେ ଆଂଶି । ଏମିତି ଯେତେଥର ଭାନୁ ଚେକଅପ ପାଇଁ ମେଡିକାଲ ଯାଇଛନ୍ତି, କେଉଁଠି ନାଁ କେଉଁଠି ଉଭୟଙ୍କ ନିହାତି ଦେଖାସାକ୍ଷାତ ହୁଏ । ବୋଧhହୁଏ ଏହା ଲୀଳାମୟଙ୍କ ଅପୂର୍ବ ସଂଯୋଗ ।

ଏଇମିତି ଦେଖୁ ଦେଖୁ ଦଶ ମାସ ବିତିଗଲା । ଡାକ୍ତର ଦେଇଥିବା ସନ୍ତାନ ଜନ୍ମ ତିଥି ମଧ୍ଯ ଆସିଗଲା ଏବଂ ଭାନୁଙ୍କୁ ହସପିଟାଲକୁ ନିଆଗଲା । ଭାନୁ ଭାଉଜ ଆମ ଗାଁର ଏବଂ ମୁଁ ବଲାଙ୍ଗିରରେ ରହୁଥିବା କାରଣରୁ ସେ ମତେ ଫୋନ କରି ହସପିଟାଲକୁ ଆସିବାକୁ କହିଲେ । ରାତି ୧୨ ସମୟରେ ଭାନୁ ଭାଉଜଙ୍କୁ ଏକ କନ୍ୟା ସନ୍ତାନ ପ୍ରାପ୍ତି ହେଲା । ପତି ପତ୍ନୀ ଓ ପରିବାରରେ ଖୁସିର ଲହରୀ ଖେଳିଗଲା । ମାତୃତ୍ୱର ନିନ୍ଦା କଳଙ୍କରୁ ମୁକ୍ତି ମିଳିଥିବାରୁ ସେ ଆନନ୍ଦିତ ହେବା ସହ ଝିଅଟିର ନାଁ ଆଂଶି ରଖିବା ବୋଲି କହିଲେ । ଆଂଶି ନାମକରଣ କରିବାର ତାତ୍ପର୍ଯ୍ୟ ପଚାରିବାରୁ ସେ କହିଲେ, ବଲାଙ୍ଗିର ମୁଁ ଯେତେଥର ଚେକଅପ ପାଇଁ ଆସିଛି ସଂଯୋଗବଶତଃ ଆଂଶି ବୋଲି ଜଣେ ଭଦ୍ର ମହିଳାଙ୍କ ସହ ସବୁଥର ଆମର ଭେଟ ହୋଇଛି । ଜଣେ ଅଜଣା ମହିଳା ହୋଇଥିଲେ ମଧ୍ଯ ତାଙ୍କ ଆନ୍ତରିକତା, ଆତ୍ମିୟତା ଓ ଉପଦେଶ ଆଜି ମତେ ସଫଳ ମାତୃତ୍ୱ ପ୍ରଦାନ କରିଥିବାରୁ ତାଙ୍କ ସ୍ମୃତି ସ୍ମରଣାର୍ଥେ ଝିଅଟିର ନାଁ ଆଂଶି ରଖିଥିବା କହିଲେ । ମୁଁ କହିଲି ଭାଉଜ ମୁଁ ଜାଣିଥିବା ଆଂଶି କଥା ତୁମେ କହୁନ ତ.. ତୁମ କଥା ତାଙ୍କ ଚରିତ୍ର ସହ ମେଳ ଖାଉଛି କହି ଫୋନରୁ ଆଂଶିଙ୍କ ଫଟୋ ଦେଖାଇଲି । ଭାଉଜ ଖୁସିରେ କହିଲେ, ହଁ ତ ଏଇ ସେ ଭଦ୍ର ମହିଳା ଏବଂ ତାଙ୍କୁ

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ଟିକିଏ ଫୋନ ଲଗାଇବାକୁ ଅନୁରୋଧ କଲେ । ମୁଁ ଆଂଶିଙ୍କୁ ଫୋନ ଲଗାଇ ଭିଡିଓ କଲ୍ କରିବାକୁ କହିଲି । ସେ ସଙ୍ଗେ ସଙ୍ଗେ ଭିଡିଓ କଲ୍ କଲେ ଓ ଭାନୁ ଭାଉଜଙ୍କୁ ଦେଖିବାରୁ, ଆରେ ଏମାନଙ୍କୁ ଆପଣ ଜାଣିଲେ କେମିତି ? ମୁଁ କହିଲି ଏମାନେ ଆମ ଗାଁର ମୋ ଭାଉଜ । ହଁ ଆଉ ଗୋଟିଏ ଖୁସି କଥା ହେଉଛି- ଆପଣଙ୍କ ଆତ୍ମିୟତା, ତାଗିଦ, ଉପଦେଶ ଓ ଆନ୍ତରିକତା ଦ୍ୱାରା ପ୍ରଭାବିତ ହୋଇ ଭାଉଜ ଝିଅଟିର ନାଁ ଆଂଶି ରଖିଛନ୍ତି । ଏହା ଶୁଣି ଆଂଶିଙ୍କର ଆଖି ଲୁହ ଛଳ ଛଳ ହୋଇଗଲା, କିନ୍ତୁ ହସି ଦେଇ କହିଲେ, ସତରେ ମୋ ବ୍ୟକ୍ତିତ୍ୱ ଭାନୁ ଭାଉଜଙ୍କୁ ଏତେ ପ୍ରଭାବିତ କଲା ଏବଂ ପାଠକଙ୍କ ହାତରେ ମୁଁ ସମର୍ପଣ କଲି "ଆତ୍ମିୟତାର ଆଂଶି" ତୃତୀୟ ଭାଗ ।

**ବଙ୍କିଆ, ବୀ.ମା.ପୁର, ସୁବର୍ଣ୍ଣପୁର**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ

CC BY-NC-SA 4.0

VOL.09 - ISSUE.11 - NOVEMBER 2025

## Board of Editors

Mr. Laxminarayan Pattanaik, Post Graduate in Computer Application & Journalism
IT Support Services at K.I.Division, Khordha

Mr. Salila Kumar Swain, M.A, M.Ed.
Asst. Teacher, Mukteswar Dev UPME School
Sundarpur, Tangi, Khordha

Mr. Bibhuti Bhusan Hota, M.A, LLM.
Lecturer (HOD in English)
Godabarish Degree Mahavidyalaya
Banpur, Khordha

Mrs. Debahuti Pattanaik, M.A, M.Phil
Asst. Professor in Odia
KISS Deemed to be University
Kalinga Vihar, Bhubaneswar

Dr. Magalika Mohapatra
M.Sc, M.Ed, M.A. in Odia, M.Phil, Ph.D. in Environment Studies.
Lecturer, Ravenshaw University, Cuttack

Dr. Laxman Sahoo, M.A, Ph.D. in Odia
Principal, Mahanadi Vihar Women's Degree College, Naya Bazar, Cuttack.
Honorary Ph.D Guide (Odia Department)
Ramadevi Women's University, Bhubaneswar

Mr. Sidheswar Tripathy, M.A. in Odia
Astro Mentor, Center for Sriram Astrology
Kundilo, Keranga, Khordha

## Advisory Council

Er. Dipti Ranjan Panda, B.Sc in Civil Engg, MBA, Ph.D. in Vastu
Former EIC, Dept. of Water Resources
Srikshetra Vihar, Aiginia, Bhubaneswar

Mr. Trilochan Das, B.A, B.Ed.
Asst. Teacher, Ananta Bsudev Bidyapitha,
Dalak, Goda, Begunia, Khordha, Odisha

Mr. Nishikant Kahalsingh, M.Sc (Zoology), M.A (Odia & Pol.Sc.), B.Ed, D. in P.Col.
Asst. Teacher, Ananta Bsudev Bidyapitha,
Dalak, Goda, Begunia, Khordha, Odisha

Mr. Ranganath Rath, Post Graduate
Former Asst. Section Officer, Finance Dept.
Bargarh Brit Colony, Bhubaneswar

Mr. Prafulla Chandra Mishra, B.A
Ex. Sub-Inspector, Odisha Police
Mangalajodi, Tangi, Khordha

Mr. Gopal Kishore Sen, B.Sc, B.Ed.
Asst. Teacher, Govt. UG High School
Naramanabi, Tangi, Khordha

Mr. Gopal Chandra Sao, M.A. in Odia
Office Assistant, Water Resources Dept.
Deuli, Baripada, Mayurbhanj

**Publisher:** Banamallira Mahak
**Place of Publication:** Khordha, Odisha, India
**Contact:** Banamallira Mahak, Mangalajodi, Khordha, Odisha-752023, India
**Submit articles at EMAIL:** emagazinebanamalli@gmail.com